# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୯/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 19/2021 | ★★★★

୪୭ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



Aakash + BYJU'S

# JEE (MAIN) 2021
OUTSTANDING RESULTS YET AGAIN!

ODISHA TOPPER FROM BHUBANESWAR

AIR 3 — PRAVAR KATARIA, 5 Year Classroom

AIR 9 — ANMOL ARICHWAL, 4 Year Classroom

AIR 28 — GOUTAM DAS, 2 Year Classroom

7200* Aakashians Qualified for JEE (Advanced) 2021
(6278 Classroom + 922 Distance & Digital)
*Still Counting

5 in Top 10 AIR | 17 in Top 100 AIR | 66 in Top 500 AIR

Includes students from Classroom, Distance & Digital Courses

OUR TOP PERFORMERS WITHIN TOP 100 FROM CLASSROOM PROGRAMS

AIR 25 — RANJIM PRABAL DAS, 5 Year Classroom

AIR 35 — VAIBHAV BAJAJ, 5 Year Classroom

AIR 84 — ISHAV SINGLA, 5 Year Classroom

SUBJECT-WISE TOP PERFORMERS WITH 100 Percentile from Classroom Programs

65 Physics | 15 Chemistry | 52 Maths | 3 All Subjects

Includes students from Classroom, Distance & Digital Courses

AIR 110 — Naman Nirwan, Maths, Reg. No.: 00002039443

AIR 112 — Rishi Kejriwal, Physics & Maths, Reg. No.: 00002292600

AIR 115 — Sreehari C, Physics & Chemistry, Reg. No.: 00002397162

AIR 117 — Rohan Anand Nafde, Physics & Maths, Reg. No.: 00002344509

AIR 120 — Akshat Mehta, Physics & Maths, Reg. No.: 00000634584

AIR 150 — Vinay Tayal, Maths, Reg. No.: 00001540497

AIR 155 — Chitwan Goel, Chemistry, Reg. No.: 00002036707

AIR 156 — Kyrylo Shyvam K, Physics & Maths, Reg. No.: 00002312601

AIR 156 — Bhav Khurana, Physics & Maths, Reg. No.: 00002331907

AIR 158 — Kushagra Sharma, Physics & Chemistry, Reg. No.: 00002321136

AIR 158 — Harsh Goyal, Physics & Chemistry, Reg. No.: 00001513088

AIR 161 — Sriniketan Joshi, Maths, Reg. No.: 00000963413

AIR 162 — Swati Singh, Physics, Reg. No.: 00000614279

AIR 211 — Shubh Chhabra, Physics, Reg. No.: 00000865772

...and many more

Though every care has been taken to publish the result correctly, yet the Institute shall not be responsible for error, if any.

ADMISSIONS OPEN - Repeater / XII Passed Batches

Hybrid Course for Power Step (JEE 2022) / Medical (NEET 2022) with Learning Device

Repeater / XII passed batch courses are also available without learning device.
Classroom coaching will start as and when our branches re-open as per the state government guidelines.
*Terms and conditions apply. All pictures shown are for illustration purpose only. Actual product may vary.

Option to shift to classroom at no additional cost | Continue your learning with learning device (Tablet 26.31 cm) 4G | Wifi Enabled | Get SIM with data plan (if opted for SIM Card) | Easy financing / No Cost EMI options available

Instant Scholarship & Admission - Get up to 90% Scholarship*
*Only on Tuition Fee / Classroom Service Fee, as may be applicable.

ODISHA BRANCHES

Bhubaneswar (Unit 4, Bhouma Nagar) | Bhubaneswar (Chandrasekharpur) | Cuttack

For Admissions, Call - 7008005000

SCAN FOR NEAREST CENTRE

Download Aakash App — GET IT ON Google Play | Download on the App Store

CALL (TOLL-FREE) 1800-102-2727

VISIT aakash.ac.in

Aakash + BYJU'S

**ସଂକ୍ଷେପରେ**

## ୨ ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ

କୁଜଙ୍ଗ,୧୮।୯ (ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ କଟକ- ପାରାଦୀପ ରାସ୍ତାର ୧୬ ନଂ. କେନାଲ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସନ୍ତରା ଗ୍ରାମର ରବୀନ୍ଦ୍ର ମହାପାତ୍ର (୩୨)। ସେ ଭୂତମୁଣ୍ଡାଇ ଆଡୁ ଏକ ବାଇକରେ ଆସୁଥିବା ବେଳେ କୁଜଙ୍ଗରୁ ପାରଦୀପ ଅଭିମୁଖେ ଆସୁଥିବାଜଣେ ଅନ୍ୟ ଏକ ମୋଟରସାଇକେଲ୍ ଆରୋହୀ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରବୀନ୍ଦ୍ରଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅନ୍ୟତମ ବାଇକ ଆରୋହୀ ଗାଡ଼ି ଛାଡି ଫେରାର ହୋଇଯାଇଛନ୍ତି। ଖବରପାଇ କୁଜଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

## ସମବାୟ ସଂସ୍ଥାରେ ଗଣ୍ଡଗୋଳ ଅଭିଯୋଗ: ୨ ଗିରଫ

ପାରାଦୀପ,୧୮।୯(ସ୍ୱ.ପ୍ର.): ସମବାୟ ସଂସ୍ଥାରେ ଗଣ୍ଡଗୋଳ କରିବା ଅଭିଯୋଗରେ ପାରାଦୀପ ଆଦର୍ଶଥାନା ପୋଲିସ ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାରାଦୀପ ନୂଆବଜାର ଅଞ୍ଚଳର ପ୍ରଶାନ୍ତ ପରିଡା ଓ ଚନ୍ଦ୍ରଶେଖର ମିଶ୍ର। ଅଭିଯୋଗ ଅନୁଯାୟୀ, ଏହି ୨ ଜଣ ଶୁକ୍ରବାର ଅଠରବାଙ୍କିସ୍ଥିତ କେନ୍ଦ୍ରାପଡା ସମବାୟ ସମିତିକୁ ଋଣ ପାଇଁ ଯାଇଥିଲେ। ସେଠାରେ ମ୍ୟାନେଜର ଦେବାଶିଷ ପାଇକରାୟ ଋଣ ଦେବାକୁ ମନା କରିବାରୁ କାର୍ଯ୍ୟାଳୟ ଭିତରେ ଅଭିଯୁକ୍ତଦ୍ୱୟ ଗଣ୍ଡଗୋଳ କରିଥିଲେ। ପାଇକରାୟଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୦୩/୨୧)ରୁଜୁ କରିଛି।

## ଲଗାଣ ବର୍ଷାର କ୍ଷତିପୂରଣ ଦାବିରେ ଗଣ ବିକ୍ଷୋଭ




ଏରସମା,୧୮।୯(ସ୍ୱ.ପ୍ର.)- ଲଗାଣ ବର୍ଷାରେ ଏରସମା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏନେଇ କ୍ଷତିପୂରଣ ଦାବିରେ ଶନିବାର ସିପିଆଇ ପକ୍ଷରୁ ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଥିଲା। ଦଳର ଜୋନ ସମ୍ପାଦକ ବଂଶୀଧର ବେହେରା, ପୀତାମ୍ବର ଦାସ, ପ୍ରଫୁଲ୍ଲ ଦାସ, ଦାମୋଦର ବେହେରା, ସର୍ବେଶ୍ୱର ବେହେରା ପ୍ରମୁଖ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ସେମାନେ ଶୋଭାଯାତ୍ରାରେ ଏରସମା ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଏନେଇ ଆୟୋଜିତ ପ୍ରତିବାଦ ସଭାରେ ଅଭିଜିତ ସାହୁ, ଶଶୀଭୂଷଣ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

# ୯୦% ଚାଷ ଜମି ଜଳମଗ୍ନ

## ସମ୍ଭାବ୍ୟ ବନ୍ୟାକୁ ନେଇ ପ୍ରସ୍ତୁତି

ଜଗତ୍‌ସିଂହପୁର ଅଫିସ, ୧୮।୯

ହୀରାକୁଦ ଜଳଭଣ୍ଡାରର ଖୋଲାଯାଇଥିବା ୨୮ ଗେଟ୍‌ର ଜଳରାଶି ଶନିବାର ସନ୍ଧ୍ୟାରୁ ଦେବୀ, କନ୍ଦଳ ଓ ମହାନଦୀରେ ପ୍ରବାହିତ ହେଉଛି। ଏହା ରାତି ପ୍ରାୟ ୧୦ଟା ସୁଦ୍ଧା ସମୁଦ୍ରରେ ମିଶିଯିବ। ଏହି ପାଣି ରବିବାର ଜିଲାର ବିଭିନ୍ନ ନଦୀରେ ଅତିକ୍ରମ କରିବ। ତେଣୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଭର୍ଚ୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି ଆସନ୍ତା ୨ ଦିନ ସମସ୍ତ ବିଭାଗୀୟ ଅଧିକାରୀ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏହି ସମୟ ମଧ୍ୟରେ ପ୍ରତି ବିଭାଗର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ରହିବ। ଜଳପ୍ଲାବିତ ହେଉଥିବା ତଳିଆ ଅଞ୍ଚଳ ଚିହ୍ନଟ, ପୂର୍ବରୁ ଯେଉଁ ସ୍ଥାନରେ ନଦୀ ଓ କେନାଲ ବନ୍ଧରେ ଘାଇ ହୋଇଥିଲା ସେଗୁଡିକୁ ଦୃଢ କରିବା,



ଭର୍ଚ୍ଚୁଆଲ ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ସମ୍ବେଦନଶୀଳ ଅଞ୍ଚଳରେ ବାଲିବସ୍ତା ଓ ଅନ୍ୟାନ୍ୟ ବନ୍ୟା ପ୍ରତିରୋଧ ସାମଗ୍ରୀ ମହଜୁଦ୍ ରଖିବା ଜରୁରୀ। ନଳକୂପ ମରାମତି, ସମ୍ବେଦନଶୀଳ ଓ ଆଭ୍ୟନ୍ତର ଅଞ୍ଚଳରେ ଚୁଡା, ଚାଉଳ, ଗୁଡ଼ ଆଦି ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ହେବ। ଆବଶ୍ୟକ ସ୍ଥାନରେ ପାୱାର ବୋଟ ଓ ଦେଶୀ ଡଙ୍ଗା ନିୟୋଜିତ କରାଯିବ। ନଦୀର ଜଳପତ୍ତନର ହ୍ରାସ ଓ ବୃଦ୍ଧି ସମ୍ପର୍କରେ ବିବରଣୀ ପ୍ରଦାନ, ବନ୍ୟା ପ୍ରବଣ ଅଞ୍ଚଳରେ ଅସ୍ଥାୟୀ ପୋଲିସ ଓ୍ୟାରଲେସ୍ ଷ୍ଟେଶନ୍ ଖୋଲିବା, ମେଡିକାଲ ଟିମ୍ ନିୟୋଜିତ କରିବା, ଗ୍ରାମ୍ୟ ଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିମଳ, ପାନୀୟ ଜଳ ବ୍ୟବସ୍ଥା, ଡ୍ରେନ୍ ସଫା କରିବାକୁ ପଡ଼ିବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ବୈଠକରେ ପ୍ରାଣୀ ଚିକିତ୍ସା ଦଳ, ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ ସହ ବନ୍ୟା ସମୟରେ ରାସ୍ତା, ବିଦ୍ୟୁତ୍ ଓ ଟେଲିକମ୍ ଭଳି ଅତ୍ୟାବଶ୍ୟକ ସେବା ପୁନରୁଦ୍ଧାର ଉପରେ ଆଲୋଚନା ହୋଇଥିଲା। ଆବଶ୍ୟକ ଅନୁସାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଆପଦମିତ୍ର ଆଦିଙ୍କ ସହଯୋଗ ନିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗତ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜିଲାର ବ୍ୟାପକ ଅଞ୍ଚଳ ଏପରି କି ୯୦ ପ୍ରତିଶତ ଚାଷ ଜମି ଜଳମଗ୍ନ ହୋଇଛି। ଅନେକ ଗ୍ରାମ୍ୟ ରାସ୍ତା ବିଚ୍ଛିନ୍ନ ହୋଇଯାଇଛି। ଏ ପରିସ୍ଥିତିରେ ଜିଲାରେ ସମସ୍ତ ଚାଷୀ ଯେପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ସେଦିଗରେ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଜିଲାପାଳ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏଥିସହ କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ୍ ସିଟ୍ ଯୋଗାଇ ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳରେ ୮୧.୮୦୦ ମେଟ୍ରିକ୍ ଟନ୍ ଗୋଖାଦ୍ୟ ବଣ୍ଟନ କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ବାଲି ବସ୍ତା ପକାଇବା ଓ ବୋଟ ନିୟୋଜିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କ୍ଷତିଗ୍ରସ୍ତ ଲୋକଙ୍କୁ ଶୁଖିଲା ରାଶନ ପହଞ୍ଚାଇବାକୁ ପଡ଼ିବ ବୋଲି ଜିଲାପାଳ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ସିଡିଏମ୍‌ଓ ଡା. ବିଜୟା ପଣ୍ଡା, ସିଡିଭିଓ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜରୁରୀ ବିଭାଗ ଡେପୁଟି କଲେକ୍ଟର ଅଜୟ କୁମାର ମହାନ୍ତି, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ବିଡିଓ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଗୋରେଖନାଥ ପୀଠରୁ ୨ ମାସରେ ୨ ଥର ଚୋରି



ଗୋରେଖନାଥ ପୀଠ

ରଘୁନାଥପୁର,୧୮।୯(ଡି.ଏନ୍.ଏ.)

- ପୀଠର ସୁରକ୍ଷା ନେଇ ପ୍ରଶ୍ନବାଚୀ
- ପିତ୍ତଳ ନାଗ ମୂର୍ତ୍ତି, ଘଣ୍ଟି ଚୋରଙ୍କୁ ଧରିବାରେ ପୋଲିସ ବିଫଳ

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠ ସାରା ରାଜ୍ୟରେ ବିଭୂତି କ୍ଷେତ୍ର ଭାବେ ଖ୍ୟାତି ଅର୍ଜନ କରିଛି। ତେବେ ଗତ ୨ ମାସ ମଧ୍ୟରେ ଏହି ପୀଠରୁ ୨ଥର ଚୋରି ହୋଇଛି। ଏନେଇ ଭକ୍ତମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ୨ମାସ ପୂର୍ବେ ପୀଠରୁ ପିତ୍ତଳ ନାଗ ମୂର୍ତ୍ତି, ଘଣ୍ଟି ଓ ତମ୍ବା ପ୍ଲେଟ ଆଦି ଚୋରି ହୋଇଥିବାବେଳେ ତିର୍ତ୍ତୋଲ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଫଳରେ ପୀଠର ସୁରକ୍ଷା ଓ ପୋଲିସର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ପୀଠ ହୁଣ୍ଡିରୁ ଚୋରି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ବାହାବା ନେଉଛି। ସେପ୍ଟେମ୍ବର ୯ରେ ହୁଣ୍ଡିରୁ ଚୋରି ଘଟଣାରେ ପୋଲିସ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଧରିଥିବାବେଳେ ୩୧ଜୁଲାଇରେ ପୀଠରୁ ପିତ୍ତଳ ନାଗ ମୂର୍ତ୍ତି ଓ ଘଣ୍ଟି ଆଦି ଚୋରି ଘଟଣାରେ ତିର୍ତ୍ତୋଲ ଥାନାରେ ମାମଲା (ନଂ.୩୨୧/୨୧) ରୁଜୁ ହୋଇଛି। ଏହି ମାମଲାରେ ପୋଲିସ ମାତ୍ର ଥରେ ତଦନ୍ତ କରି ହାତବାନ୍ଧି ବସିଛି। ଅଭିଯୋଗରେ ପୀଠରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନାମ ରହିଥିବାବେଳେ ପୋଲିସ ସେଥିପ୍ରତି ଦୃଷ୍ଟି ଦେଉନାହିଁ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରି ଜେରା କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି କୁହାଯାଉଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

ଏ ସମ୍ପର୍କରେ ତିର୍ତ୍ତୋଲ ଆଇଆଇସି ଭାବଗ୍ରାହୀ ରାଉତଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତେବେ ମାମଲାର ଅଗ୍ରଗତି ସମ୍ପର୍କରେ ଆଇଆଇସିଙ୍କୁ ପଚାରି ବୁଝିବେ ବୋଲି ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା କହିଛନ୍ତି।

## ଇଣ୍ଟରନ୍ୟାଶନାଲ କୋଷ୍ଟାଲ କ୍ଲିନ ଦିବସ

ପାରାଦୀପ,୧୮।୯(ସ୍ୱ.ପ୍ର.)

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ)ପକ୍ଷରୁ ଶନିବାର ଇଣ୍ଟରନ୍ୟାଶନାଲ କୋଷ୍ଟାଲ କ୍ଲିନ ଦିବସ ଅବସରରେ ରାଜ୍ୟର ୩ ସ୍ଥାନରେ ଉପକୂଳ ସଫେଇ କରାଯାଇଛି। ଗୋପାଳପୁର, ପୁରୀର ଅରଖୁଦ ଓ ପାରାଦୀପ ବେଳାଭୂମିରେ ଏହା କରାଯାଇଛି। ଏଥିରେ କୋଷ୍ଟଗାର୍ଡ ସହ ସ୍ୱେଚ୍ଛାସେବୀ ସଙ୍ଗଠନ, ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

## ବାଉଡ଼ିଆ ବଣ, ଏରେଡାରେ ଅତଡ଼ା ଖସୁଛି



ବାଉଡିଆବଣରୁ ଅତଡା ଖସି ଯାଇଛି।



ନାଉଗାଁର ଏରଡାଠାରେ ଅତଡା ଧସି ଫାଟ ସୃଷ୍ଟି ହୋଇଛି।

ରଘୁନାଥପୁର/ନାଉଗାଁ, ୧୮।୯(ଡି.ଏନ୍.ଏ./ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୁଳ ପଞ୍ଚାୟତର ପିଁପୁରଠାରେ ମହାନଦୀ ବନ୍ଧପ୍ରତି ବିପଦ କ୍ରମଶଃ ଘନେଇବାରେ ଲାଗିଛି। ଲଗାଣ ବର୍ଷା ପରେ ବାଉଡ଼ିଆ ବଣଠାରେ ୫୦ ଫୁଟ ପର୍ଯ୍ୟନ୍ତ ନଦୀପଠା ଅତଡା ଖାଇଯାଇଛି। ଏହି ସ୍ଥାନ ଏକ ପୋଖରୀ ପରି ଦୃଶ୍ୟମାନ ହେଉଛି। ପାଣିସ୍ରୋତ ଯୋଗୁ ନିର୍ମାଣଧୀନ ସ୍ପରଗୁଡ଼ିକରେ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଦୀପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବିପଦ ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗତବର୍ଷ ଅଗଷ୍ଟରେ ନଦୀରେ ପ୍ରବାହିତ ବନ୍ୟାଜଳରେ ୫୦ ମିଟର ଚଉଡା ଏବଂ ୨୫୦ ମିଟର ଲମ୍ବର ପଠା ଖାଇ ଜନବସତି ମୁହାଁ ହୋଇଥିଲା। ଏହାପରେ ମହାନଦୀ ନର୍ଥ ଜଳସମ୍ପଦ ବିଭାଗ ପକ୍ଷରୁ ୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସ୍ପର ଓ ପଥର ପ୍ୟାକିଂ କାର୍ଯ୍ୟ ଜାରି ରହିଛି। ତେବେ ନିର୍ମାଣାଧୀନ ପଥର ପ୍ୟାକିଂ କାମ ନିମ୍ନମାନର ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯନ୍ତ୍ରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି, ସ୍ପର ଓ ପଥର ପ୍ୟାକିଂ କାର୍ଯ୍ୟ ଜାରି ରହିଛି। ଅତଡା ଧସିଥିବା ସ୍ଥାନ ପ୍ରତି ସମ୍ପୂର୍ଣ୍ଣ ନଜର ରଖାଯାଇଛି।

ସେହିପରି ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀ ନଦୀରେ ବନ୍ୟା ଜଳ ପ୍ରବାହିତ ଯୋଗୁ ଏରେଡା ଶ୍ମଶାନ ନିକଟ ନଦୀ ପଠାରୁ ଅତଡ଼ା ଧସିଯାଇଛି। ପ୍ରାୟ ୬୦ ମିଟର ଲମ୍ବ ଓ ୮ ମିଟର ଚଉଡାର ଅତଡା ଖସୁଥିବା ଦେଖି ନଦୀକୂଳିଆବାସୀ ଭୟଭୀତ ହୋଇଯାଇଛନ୍ତି। ଏରେଡାରେ ଗତ ୫ ବର୍ଷ ଧରି ତହସିଲ ପ୍ରଶାସନ ପକ୍ଷରୁ ବାଲି ସଇରାତ ନିଲାମ ଦିଆଯାଇଥିଲା। ଏଥିପାଇଁ ସୀମା ନିର୍ଦ୍ଧାରଣ କରାଯାଇଥିଲା। ମାତ୍ର ବାଲି ମାଫିଆମାନେ ଏହାଠାରୁ ଅଧିକ ବାଲି ଖୋଳି ନେଇଯିବା ସହ ନଦୀ ପଠାଦେଇ ବାଲି ବୋଝେଇ ଭାରି ଯାନ ଚଳାଚଳ କରୁଛନ୍ତି। ଏହି ବନ୍ଧ ଭାଙ୍ଗିଲେ ନାଉଗାଁର ଗଳଦାରୀ ପଞ୍ଚାୟତ ସମେତ ନିଆଳି ବ୍ଲକର ବହୁ ଅଞ୍ଚଳ ଜଳ ମଗ୍ନ ହେବାର ଆଶଙ୍କା ରହିଛି।

## ଜଗନ୍ନାଥପୁର ଗାଁରୁ ଜବରଦଖଲ ଉଚ୍ଛେଦ

ବାଲିକୁଦା,୧୮।୯(ସ୍ୱ.ପ୍ର.)

ବାଲିକୁଦା ତହସିଲ ଅନନ୍ତପୁର ପଞ୍ଚାୟତ ଜଗନ୍ନାଥପୁର ଗାଁରୁ ଶନିବାର ଜବର ଦଖଲ ହଟାଯାଇଛି। ଗାଁର ଅନେକ ସରକାରୀ ଓ ଗୋଚର କିସମ ଜମିକୁ କେତେଜଣ ଜବରଦଖଲକାରୀ ନିଜ କବ୍‌ଜାରେ ରଖିଥଲେ। ଏନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ତହସିଲ ପକ୍ଷରୁ ତଦନ୍ତ କରାଯାଇ ଜୁନ ୧ ରେ ଜବରଦଖଲରେ ଥିବା ସରକାରୀ ଜମି ଚିହ୍ନଟ କରାଯାଇଥିଲା। ଉକ୍ତ ସରକାରୀ ଜମି ଛାଡ଼ିବାକୁ ପ୍ରଶାସନ ପକ୍ଷରୁ ନୋଟିସ ଦିଆଯାଇଥିଲା। ଏହାପରେ ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ସମୟରେ ଅତିରିକ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା, ବାଲିକୁଦା ଥାନାଧିକାରୀ ଦିଲୀପ ସାହୁ, ଅନନ୍ତପୁର ଫାଣ୍ଡି ଅଧିକାରୀ ଅନିରୁଦ୍ଧ ନାୟକ, ରାଜସ୍ୱ ପରିଦର୍ଶକ କାଳନ୍ଦୀ ବେହେରା, ବିଶ୍ୱଭୂଷଣ ମହାପାତ୍ର, ବରିଷ୍ଠ ରାଜସ୍ୱ ସହାୟକ ମୁକୁନ୍ଦ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ବାଡ଼ ହଟାଇଲେ ଗ୍ରାମବାସୀ, ଗ୍ରୀଡ୍ କାର୍ଯ୍ୟ ଆଗେଇବ

ଚଣ୍ଡିଖୋଲ,୧୮।୯(ଡି.ଏନ.ଏ.)



ବାଡ଼ ହଟାଯାଉଛି।

ବଡ଼ଚଣା ବ୍ଲକ ଅଧୀନ ପଲାଇଠାରେ ନିର୍ମାଣ ହେବାକୁ ଥିବା ୨୨୦/୩୩ ଗ୍ରୀଡ୍ ଷ୍ଟେଶନ୍ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ ହୋଇଥିଲା। ଗ୍ରୀଡ୍ ନିର୍ମାଣକୁ ସେମାନେ ବିରୋଧ କରୁ ନ ଥିଲେ। ବାରବାଟୀ ପଡ଼ିଆର ଗୋଟିଏ ପାର୍ଶ୍ୱରେ ଗ୍ରୀଡ୍ ନିର୍ମାଣ କରିବାକୁ ମତ ରଖିବା ସହ ସେଠାରେ ଖେଳପଡ଼ିଆ ଓ ଗ୍ରାମ୍ୟ ଶ୍ମଶାନ ରଖିବାକୁ ଅନୁରୋଧ କରି କାର୍ଯ୍ୟବନ୍ଦ କରିଥିଲେ। ଏଥିପାଇଁ ହାଇକୋର୍ଟରେ ପୂର୍ବତନ ବିକ୍ରମତରଣ ସମିତିସଭ୍ୟ ଦିଲୀପ ସାମଲ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଯାଜପୁର ଜିଲାପାଳଙ୍କୁ ଘଟଣାର ଶୁଣାଣି କରି ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୧୬ ତାରିଖରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ତାଙ୍କ କାର୍ଯ୍ୟାଳୟରେ ଉଭୟ ପକ୍ଷର ଶୁଣାଣି କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଗ୍ରାମବାସୀ ସେଠାରେ ପୋତିଥିବା ବାଡ଼କୁ ଶନିବାର ହଟାଇ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ସମାଧାନ ଅନୁଯାୟୀ ସେଠାରେ ଖେଳପଡ଼ିଆ ଓ ଶ୍ମଶାନ ରହିବ। ତେବେ ଦର୍ପଣ ତହସିଲ ତରଫରୁ ୨ଦିନ ପରେ ମାପଚୁପ କରାଯାଇ ସ୍ଥାନ ନିରୂପଣ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବାଡ଼ ହଟିଯିବା ପରେ ଗ୍ରୀଡ୍ କାର୍ଯ୍ୟ ଆଗେଇବ ବୋଲି ସୂଚନା ମିଳିଛି।

ପ୍ରକାଶଯୋଗ୍ୟ, ପଲାଇ ବାରବାଟୀ ପଡ଼ିଆରେ ୨୨୦/୩୩ କେଭି ଗ୍ରୀଡ୍ ନିର୍ମାଣ ପାଇଁ ୨୦୧୯ ମାର୍ଚ୍ଚ ୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫୦କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଗ୍ରୀଡ୍ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିଲା। ୨୯ମାସ ପରେ ଗତ ଅଗଷ୍ଟ ୬ରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଶୁଭ ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପରଦିନ ଅର୍ଥାତ ୭ତାରିଖରେ ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ଗ୍ରୀଡ୍ ପାଇଁ ବାରବାଟୀ ପଡ଼ିଆର ୧୫ ଏକର ପରିମିତ ସ୍ଥାନକୁ ଲିଜ୍ ସୂତ୍ରରେ ଦର୍ପଣ ତହସିଲରୁ ଓପିଟିସିଏଲ ପାଇସାରିଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଥିଲାଯେ, ଏହି ବାରବାଟୀ ପଡ଼ିଆଟି ୩୪ ଏକର ପରିମିତ ସ୍ଥାନରେ ଅବସ୍ଥିତ ରହିଥିବା ବେଳେ ଏହି ପଡ଼ିଆ ମଧ୍ୟଦେଇ ହରିଦାସପୁର–ପାରାଦୀପ ରେଳପଥ ଯିବା ଦ୍ୱାରା ୭ଏକର ଜମି ଚାଲି ଯାଇଥିଲା। ପଡ଼ିଆଟିକୁ ମଧ୍ୟ ଦୁଇ ଭାଗ କରିଦିଆଯାଇଛି। ଗୋଟିଏ ପାର୍ଶ୍ୱରେ ମନ୍ଦିର, ଯଜ୍ଞ ପଡ଼ିଆ ଓ ହାଟ ଚାଲିଥିଲା ବେଳେ ଅନ୍ୟ ପାର୍ଶ୍ୱରେ ରହୁଥିବା ସଂପୃକ୍ତ ୫ ଗ୍ରାମ୍ୟ ଶ୍ମଶାନ ଓ ଖେଳପଡ଼ିଆ ବନ୍ଦ ହୋଇଯିବ। ତେଣୁ ଏତେ ଗୋଚର ଜମି ଥିବା ବେଳେ ଏହା ଆବଦ୍ଧ ହୋଇଯିବା ଦ୍ୱାରା ଗ୍ରାମ୍ୟ ଶ୍ମଶାନ ଖେଳପଡ଼ିଆ ଲୋପ ପାଇଯିବ। ସେଥିପାଇଁ ପଡ଼ିଆର ଗୋଟିଏ ପାର୍ଶ୍ୱରେ ଓପିଟିସିଏଲ ଗ୍ରୀଡ୍ ନିର୍ମାଣ କରୁ ବୋଲି ଦାବି କରି ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା।

## ତଳିଆଅଞ୍ଚଳବାସୀଙ୍କ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ



ମହିଳା ଓ ପୁରୁଷମାନେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

କୁଜଙ୍ଗ,୧୮।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ୭ଦିନ ହେବ କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର, ଗଣ୍ଡକିପୁର, ଫତେପୁର ଓ ଗୋପିଆକୁଦ ପଞ୍ଚାୟତର ତଳିଆ ଅଞ୍ଚଳଗୁଡ଼ିକ ଜଳବନ୍ଦୀ ହୋଇଯାଇଛି। ଏସବୁ ଅଞ୍ଚଳରେ ରିଲିଫ ପ୍ରଦାନ ଓ ଜଳ ନିଷ୍କାସନ ଦାବିରେ ଶନିବାର ବହୁ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଯୁବନେତା ତପନ ତ୍ରିପାଠୀଙ୍କ ନେତୃତ୍ୱରେ ମଙ୍ଗରାଜପୁର ପଞ୍ଚାୟତ ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ, ପ୍ରଦୀପ ପରିଡା, ଶ୍ରୀନିବାସ ସ୍ୱାଇଁ ଓ ରବୀନ୍ଦ୍ର ସାମଲ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେମାନେ ଜଳ ନିଷ୍କାସନ ପଥରୁ ଅବରୋଧ ହଟାଇବାକୁ ଦାବି କରିଥିଲେ। ବ୍ଲକ ପ୍ରଶାସନ ତରଫରୁ ଏସବୁ ଅଞ୍ଚଳରେ କେବଳ ୩ ଦିନ ପାଇଁ ରିଲିଫ ଦିଆଯାଇଛି। ଗୋପିଆକୁଦ ପଞ୍ଚାୟତର ବାଲିସାହି ଗ୍ରାମ ସମ୍ପୂର୍ଣ୍ଣ ଜଳବନ୍ଦୀ ଥିବାବେଳେ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଅବା ରିଲିଫ ସାମଗ୍ରୀ ଦିଆଯାଇ ନାହିଁ। ହଳଦୀପାଣି ନଦୀର ବିଭିନ୍ନ ସ୍ଥାନରେ ଚିଙ୍ଗୁଡି ମାଫିଆମାନେ ଆଡିବନ୍ଧ କରିଥିବାରୁ ଜଳ ନିଷ୍କାସନରେ ବାଧକ ସାଜିଛି। ଏହି ନଦୀର ଶେଷମୁଣ୍ଡରେ ୨୦୦ ମିଟର ଲମ୍ବ ଓ ୩୦ଫୁଟ ଓସାରର ରାସ୍ତା ହୋଇଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ଅମିୟ କୁମାର ପଣ୍ଡା କୁହନ୍ତି, ବାଲିସାହି ସମ୍ପୂର୍ଣ୍ଣ ଜଳବନ୍ଦୀ ଥିବାରୁ ସେଠାକୁ ଯିବା ସମ୍ଭବ ହେଲାନାହିଁ। ଫଳରେ ସେଠାରେ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ। ଜଳନିଷ୍କାସନ ସମ୍ପର୍କରେ ସେ କହିଛନ୍ତି, ତହସିଲଦାରଙ୍କୁ ଅବଗତ କରାଯାଇ ଚିଙ୍ଗୁଡ଼ି ଆଡିବନ୍ଧ ଉଠାଇବାକୁ ମତ୍ସ୍ୟବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଶେଷମୁଣ୍ଡ ରାସ୍ତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଆଗାମୀ ପଦକ୍ଷେପ ନିଆଯିବ କରାଯାଇଛି ବୋଲି ପଣ୍ଡା କହିଛନ୍ତି।

# ପାରାଦୀପ ଛାଡୁଛନ୍ତି ବାହାର ଅଞ୍ଚଳ ଲୋକ

ପାରାଦୀପ,୧୮।୯(ସ୍ୱ.ପ୍ର.)

**ପାରାଦୀପ ସହରାଞ୍ଚଳ ଅର୍ଥନୀତି ଉପରେ କରୋନା ମାଡ଼**

- ବର୍ଷକ ମଧ୍ୟରେ ରାଶନକାର୍ଡରୁ ୧୧୬ ଜଣଙ୍କ ନାମ କଟିଛି
- ବାଦ ପଡ଼ିଥିବା ତାଲିକାରେ ଅଧିକାଂଶ ଅଣଓଡ଼ିଆ
- ବନ୍ଦର କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଛି
- ଦିନ ମଜୁରିଆଙ୍କୁ କାମ ମିଳୁନାହିଁ

ଭାରତରେ ବୋଧହୁଏ ପ୍ରଥମ ପାରାଦୀପ ସହରାଞ୍ଚଳ ଯେଉଁଠି ଜନସଂଖ୍ୟା ଓ ରାଶନକାର୍ଡ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାର ପାରାଦୀପକୁ ଅର୍ଥନୈତିକ ମୁଖଶାଳା ବୋଲି ଏକାଧିକବାର ଘୋଷଣା କରିଛନ୍ତି। ନିଯୁକ୍ତି ଓ ଭିତ୍ତିଭୂମି ଉନ୍ନତ ହେବାର ସ୍ୱପ୍ନ ଦେଖାଉଛନ୍ତି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ବିପରୀତ ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। ୨୦୨୦ ମାର୍ଚ୍ଚରୁ ଏପର୍ଯ୍ୟନ୍ତ ପାରାଦୀପରୁ ଅଧିକାଂଶ ଲୋକ ପଳାୟନ କରିଛନ୍ତି। ବର୍ଷକ ମଧ୍ୟରେ ୧୧୬ ପରିବାର ପାରାଦୀପ ଛାଡି ଚାଲିଯାଇଥିବା ଆଶଙ୍କା କରାଯାଉଛି। ସେମାନଙ୍କ ନାମ ରାଶନ କାର୍ଡ ତାଲିକାରୁ ବାଦ ପଡିଛି। ଏବେ ଆହୁରି ୩୦୦ରୁ ଊର୍ଦ୍ଧ୍ୱ ପରିବାର ତାଲିକା ଯୋଗାଣ ବିଭାଗ ପାଖରେ ପହଞ୍ଚିଛି। ଆଉ ମାସକ ମଧ୍ୟରେ ସେମାନେ ରାଶନକାର୍ଡରେ ଗହମ ଚାଉଳ ନ ନେଲେ ସେମାନଙ୍କ ନାମ ତାଲିକାରୁ ବାଦ ପଡିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବାଦ ପଡିଥିବା ତାଲିକାରେ ଅଧିକାଂଶ ଅଣଓଡ଼ିଆ ରହିଛନ୍ତି। ଦିନ ମଜୁରିଆଙ୍କ କାମ ହ୍ରାସ ପାଇବା ଏହାର ପ୍ରମୁଖ କାରଣ ପାଲଟିଛି। ଏହାଛଡ଼ା ମାଛଧରାବନ୍ଦର ସଙ୍କଟ ମଧ୍ୟରେ ଗତି କରୁଛି। ଫଳରେ ବହୁ ମତ୍ସ୍ୟଜୀବୀ କାମ ନ ପାଇ ଆନ୍ଧ୍ରକୁ ଫେରିଯାଇଥିବା କୁହାଯାଉଛି।

ପୌରପାଳିକା ଓ ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ପାରାଦୀପର ଜନସଂଖ୍ୟା ଗତ ୩ ଦଶନ୍ଧି ହେଲା ହ୍ରାସ ପାଇବାରେ ଲାଗିଛି। ୧୯୯୧ ଜନଗଣନା ଅନୁସାରେ ଏଠାକାର ଜନସଂଖ୍ୟା ୪୯,୨୫୫ ଥିଲା। ୨୦୦୧ ବେଳକୁ ଏହା ବୃଦ୍ଧି ପାଇ ୭୩,୬୨୫ରେ ପହଞ୍ଚି ଥିଲା। ତେବେ ୨୦୧୧ ଜନଗଣନାରେ ଏହି ସଂଖ୍ୟା ହ୍ରାସପାଇ ୬୮,୩୧୦ ହୋଇଥିଲା। କରୋନା ମହାମାରୀ ପାଇଁ ୨୦୨୧ରେ ଜନଗଣନା ହୋଇନାହିଁ। ଉକ୍ତ ଗଣନା ହେଲେ ଅଧିକ ଜନସଂଖ୍ୟା ହ୍ରାସ ପାଇବାର ଆଶଙ୍କା କରାଯାଉଛି। କାରଣ ପୂର୍ବରୁ ପାରାଦୀପ ବନ୍ଦରରେ ପ୍ରାୟ ୪୫୦୦ କର୍ମଚାରୀ ଥିଲେ। ଏବେ ଏହା ୬୦୦ ମଧ୍ୟରେ ସୀମିତ। ସେହିପରି ରାଶନକାର୍ଡଧାରୀଙ୍କ ସଂଖ୍ୟା ୨୦୨୧ ମାର୍ଚ୍ଚ ସୁଦ୍ଧା ୮୪୫୨ ଥିଲା। ଏବେ ଏଥିରେ କେବଳ ୫୪୦ ଅନ୍ତ୍ୟୋଦୟ ହିତାଧିକାରୀ ରହିଛନ୍ତି। ସମ୍ପୃକ୍ତ ହିତାଧିକାରୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଯୋଗାଣ ସାମଗ୍ରୀ ନେଉଛନ୍ତି। ଏଥିପାଇଁ ୨୫ ଜଣ ଡିଲର ରହିଛନ୍ତି। ଯୋଗାଣ ବିଭାଗର ନିୟମାନୁସାରେ ଯଦି କୌଣସି ଉପଭୋକ୍ତା ଲଗାତାର ୩ ମାସ ସାମଗ୍ରୀ ନ ନିଅନ୍ତି, ତା'ହେଲେ ସ୍ୱତଃଭାବେ ତାଙ୍କ ନାମ ତାଲିକାରୁ ବାଦ ପଡ଼ିବ। କରୋନା ମହାମାରୀ ଆରମ୍ଭ ହେବା ପରଠୁ ଏହି ତାଲିକାରୁ ରାଶନ୍ କାର୍ଡ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି।

ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକ ମହାନ୍ତି କୁହନ୍ତି, ଡିଲର ପଏଣ୍ଟରୁ ସାମଗ୍ରୀ ନ ନେଲେ ତାହା ଅନ୍‌ଲାଇନରେ ଜଣାପଡୁଛି। ଡିଲରଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଅଧିକାଂଶ ଲୋକ କାମ ଅଭାବରୁ ଘର ବିକ୍ରି କରି ପଳାଇଗଲେଣି। ଆଉ କେତେଜଣ ଟ୍ରାନ୍ସଫର କରି ଚାଲିଯାଇଛନ୍ତି। ଏଥିରେ ଆମେ କିଛି କରିପାରିବୁ ନାହିଁ।

**ଘରେ ପଶିଲା ଗୋବରୀ ନଦୀ ବନ୍ୟାଜଳ**

ଡେରାବିଶ,(ସ୍ୱ.ପ୍ର.):ଗତ ଲଘୁଚାପ ଜନିତ ଲଗାଣ ବର୍ଷା କମିଯାଇଥିଲେ ମଧ ଏବେ ବି ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କେଉଟକଣ୍ଡିଆ ଗ୍ରାମରେ ଜଳବନ୍ଦୀ ଜୀବନ ବିତାଉଛନ୍ତି ୪୦ ପରିବାର। ଗୋବରୀ ନଦୀର ବନ୍ୟାଜଳ କେଉଟକଣ୍ଡିଆ ଗ୍ରାମର ୧ ଓ ୨ ନଂ. ୱାର୍ଡ଼ର ରାସ୍ତା ଉପରେ ଚାଲୁଛି। ଲୋକଙ୍କ ଘରେ ବି ପାଣି ପଶିଛି। ରାସ୍ତା ଉପରେ ୪ ଫୁଟ ଉଚ୍ଚର ବନ୍ୟାଜଳ ଚାଲୁଥିବା ବେଳେ ଘର ଭିତରେ ୨ ଫୁଟ ଉଚ୍ଚର ବନ୍ୟାଜଳ ଜମି ରହିଛି। ଏଥିପାଇଁ ଗ୍ରାମର ୪୦ ପରିବାର ୪ଦିନ ହେବ ଦୁଃଖକଷ୍ଟରେ ରହିଛନ୍ତି। ଉକ୍ତ ଗ୍ରାମର ୧୮୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଚ୍ଚ ଜାଗାକୁ ସ୍ଥାନାନ୍ତର କରାଯାଇଥିବା ବିଡ଼ିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ, ୩ ପ୍ରଶିକ୍ଷାର୍ଥୀ ଗୁରୁତର

କଳିଙ୍ଗନଗର,୧୮।୯(ଡି.ଏନ.ଏ): କଳିଙ୍ଗନଗର ଶିଳ୍ପାଞ୍ଚଳ ଟାଟା ଷ୍ଟିଲ ପରିସରସ୍ଥ ଖେଳପଡ଼ିଆରେ ଶନିବାର ସନ୍ଧ୍ୟାରେ ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ପ୍ରଶିକ୍ଷାର୍ଥୀ ଆଦର୍ଶ ଶର୍ମା। ଗୁରୁତର ୩ଜଣ ହେଲେ ସାହିଲ ରାମ, ପ୍ରଦୀପ କୁମାର, ସୁରଜ କୁମାର ସୋରେନ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଟାଟା ମେଡିକା ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ଆଦର୍ଶଙ୍କ ମୃତ୍ୟୁ ଘଟିଥିଲା। ଏହି ସମସ୍ତ ଯୁବକ ଝାରଖଣ୍ଡରୁ ଆସି ଟାଟାଷ୍ଟିଲରେ ପ୍ରଶିକ୍ଷଣ ନେଉଥିଲେ। ସୂଚନା ଅନୁଯାୟୀ ସେମାନେ ଟାଟା ଷ୍ଟିଲ ଖେଳପଡ଼ିଆରେ ଫୁଟବଲ ଖେଳୁଥିବା ବେଳେ ବଜ୍ରପାତ ଘଟିଥିଲା। ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଦର୍ଶଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସଠାରୁ ଜଣାପଡ଼ିଛି।

### ବାଲିସାହି ଉପାନ୍ତ ଅଞ୍ଚଳରେ ବୈତରଣୀ ବନ୍ୟାଜଳ

ରାଜକନିକା,୧୮।୯(ଡି.ଏନ.ଏ.): ରାଜକନିକା ବ୍ଲକ ଉପାନ୍ତ ଅଞ୍ଚଳ ପଧାନପଡା ପଞ୍ଚାୟତର ବାଲିସାହି ଗ୍ରାମରେ ବୈତରଣୀ ବନ୍ୟାଜଳ ପ୍ରବେଶ କରିବା ପରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମର ପପୁ ଦାସ, ଚରଣ ଦାସ , ଚୁଆଁ ଦାସ, ମାନ ଦାସ ପ୍ରମୁଖଙ୍କ ଘରର ସମସ୍ତ ଆସବାସ ପତ୍ର ନଷ୍ଟ ହୋଇଛି। ଘରେ ବନ୍ୟା ପାଣି ପଶିଯିବାରୁ ପରିବାର ଲୋକମାନେ ଛାତ ଉପରେ ଦିନକାଟୁଛନ୍ତି। ଏପରି ସମୟରେ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଇଛି। ପାଣି ଅଭାବରୁ ବନ୍ୟାଜଳ ଲୋକେ ପିଇବାକୁ ବାଧ୍ୟ ହେଉଛନ୍ତି। ରାଜକନିକା ବିଡିଓ ଅଶୋକ କୁମାର ମହାନ୍ତି, କନିକା ତହସିଲଦାର ପ୍ରେମାନନ୍ଦ ବେହେରା ପଧାନପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ପାଣି ଭିତରେ ପଶି ଲୋକଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପଞ୍ଚାୟତର ବାଲିସାହି, ସାନହଲପଡା, ବଡହଲପଡା, ପଧାନପଡା,ଗହମପାଳ, ଉଜାଙ୍ଗ, ହାବଲଗଣ୍ଡ, ପାରିନୂଆପଡା, କନପୁର ଅଞ୍ଚଳରେ ଖରସ୍ରୋତା ଓ ବୈତରଣୀ ନଦୀର ବନ୍ୟା ଜଳ ବିଭିଷିକା ସୃଷ୍ଟି କରିଛି। ବନ୍ୟା ବିପନ୍ନମାନଙ୍କୁ ପାଲ ଯୋଗାଇ ଦେବାକୁ କନିକା ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ପଧାନପଡା ପଞ୍ଚାୟତର ବାଲିସାହି, ସାନହଲପଡା, ବଡହଲପଡା, ପଧାନପଡା, ଗହମପାଳ ଅଞ୍ଚଳ ବନ୍ୟା ବିପନ୍ନଙ୍କୁ ଶନିବାର ଶୁଖିଲା ଖାଦ୍ୟ ପ୍ରଶାସନ ପକ୍ଷରୁ ବଣ୍ଟନ କରାଯାଇଛି।

### କଣ୍ଟେନର ମୁହାଁମୁହିଁ ଧକ୍କା, ୨ ଚାଳକ ଗୁରୁତର

ପାଣିକୋଇଲି,୧୮।୯(ଡି.ଏନ.ଏ.):୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ଓଭରବ୍ରିଜ ଉପରେ ଶନିବାର ଭୋର ସମୟରେ ଦୁଇ କଣ୍ଟେନର ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା ଏଥିରେ ଉଭୟ ଗାଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପାଣିକୋଇଲି ପୋଲିସ ଦମକଳବାହିନୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ଶ୍ରୀଦଧିବାମନ ଜୀଉ ମନ୍ଦିରର ବିକାଶ ଶୂନ

- ୨୦୧୬ରୁ ମିଳିଛି ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା
- ପ୍ରଶାସନିକ ଅବହେଳା ଦାୟୀ

କେନ୍ଦ୍ରାପଡ଼ା ଅଫିସ, ୧୮।୯

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଳାଟସ୍ଥିତ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କ ମନ୍ଦିରକୁ ୨୦୧୬ରୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ୧୫୦ ବର୍ଷରୁ ଊର୍ଦ୍ଧ୍ୱ ଏହି ମନ୍ଦିରର ଅଦ୍ୟାବଧି ଉନ୍ନତୀକରଣ ହେଉନାହିଁ। ପ୍ରଶାସନର ଏପରି ଅବହେଳା ଯୋଗୁ ଏହି କ୍ଷେତ୍ର ପର୍ଯ୍ୟଟକଙ୍କ ନଜର ଆଢ଼ୁଆଳରେ ରହିଛି ବୋଲି ଅଭିଯୋଗ ହେଉଛି।

ଶ୍ରୀଜୀଉଙ୍କ ସେବାୟତ ଚଉଦକୁଳାଟର କିଶୋର ଚନ୍ଦ୍ର ମିଶ୍ର କୁହନ୍ତି, ଆଜିକୁ ୧୫୦ ବର୍ଷ ତଳେ ଜଣେ କୈବର୍ତ୍ତ ମାଛ ମାରୁଥିବା ବେଳେ କାଠଗଣ୍ଡି ଭଳି ଏକ ସାମଗ୍ରୀ ଜାଲରେ ପଡ଼ିଥିଲା। ସେହି କୈବର୍ତ୍ତ ସେହି ସାମଗ୍ରୀକୁ କାଠ ଭାବି ହାଣୁଥିବା ବେଳେ ସେଥିରୁ ରକ୍ତସ୍ରାବ ହେଲା। ସେଦିନଠାରୁ ସେହି କାଠକୁ ଶ୍ରୀଦଧିବାମନଜୀଉ ଭାବେ




ଶ୍ରୀଦଧିବାମନ ଜୀଉ ଓ ମନ୍ଦିର।

ତମାଳକ୍ଷେତ୍ରରେ ପୂଜା କରାଯାଉଛି। ଘାଘରାର ତତ୍କାଳୀନ ରାଉତରାୟ ଜମିଦାର ପରିବାର ସଦସ୍ୟଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିବା ଜନଶ୍ରୁତି ଅଛି। ଗ୍ରାମର ସନ୍ତୋଷ ମିଶ୍ର କୁହନ୍ତି, କାଳିଆ ମୁହାଣରୁ ଦଧିବାମନଜୀଉଙ୍କୁ ଉଦ୍ଧାର କରାଯାଇଥିଲା। ଏବେ ମନ୍ଦିରର ଆଖପାଖରେ କାଳିଆ ମୁହାଣ ନାହିଁ। କାରୁକାର୍ଯ୍ୟରେଭରା ଏହି ସୁଦୃଶ୍ୟ ମନ୍ଦିରରେ ଥିବା ରତ୍ନବେଦିରେ ଅର୍ଦ୍ଧ ନିର୍ମିତ ଶଙ୍ଖଚକ୍ର ଚିହ୍ନ ଶୋଭାପାଉଛି। ତମାଳକ୍ଷେତ୍ରକୁ ଗୁପ୍ତକ୍ଷେତ୍ର କୁହାଯାଉଥିବା ବେଳେ ଏସମ୍ପର୍କରେ ଅନୁଶୀଳନ କଲେ ବହୁ ତଥ୍ୟ ପଦାକୁ ଆସିବ। ପୁରୀ ଶ୍ରୀମନ୍ଦିରର ରୀତିନୀତି ଓ ପରମ୍ପରା ସହ ଏହି ମନ୍ଦିରର ଅନେକ ସାମଞ୍ଜସ୍ୟ ଥିବା ସେ ପ୍ରକାଶ କରିଛନ୍ତି। ଗ୍ରାମର ପ୍ରମୋଦ କୁମାର ମିଶ୍ର କୁହନ୍ତି, ପାରମ୍ପରିକ ରୀତିନୀତି ଅନୁସାରେ ବୈଶାଖ ସଂକ୍ରାନ୍ତିଠାରୁ ଏହି ମନ୍ଦିରରେ ପର୍ବପର୍ବାଣି ଆରମ୍ଭ ହୋଇଥାଏ। ବାମନ ଜନ୍ମ ତିଥିରେ ଏକ ସ୍ୱତନ୍ତ୍ର ବଳିବାମନ ବେଶ ଶ୍ରୀଜୀଉ ଧାରଣ କରିଥାନ୍ତି। ରଥଯାତ୍ରାଠାରୁ ଆରମ୍ଭ କରି ବିଭିନ୍ନ ପର୍ବପର୍ବାଣିରେ ଅବିଭକ୍ତ କଟକ ଜିଲାର ବହୁ ଶ୍ରଦ୍ଧାଳୁ ସେଠାକୁ ଆସିଥାନ୍ତି। ମନ୍ଦିରର ଷ୍ଟିୟରିଂ କମିଟି ସଦସ୍ୟ ଦେବାଶିଷ ମହାନ୍ତି କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ଯିବା ରାସ୍ତାର ଗୋଗୁଆ ଛକଠାରୁ ମାତ୍ର ୬ କିଲୋମିଟର ଦୂରରେ ଏହି ମନ୍ଦିର ଅଛି। ଶ୍ରୀ ବଳଦେବଜୀଉଙ୍କ ମନ୍ଦିରଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଉକ୍ତ ମନ୍ଦିରର ଅବସ୍ଥିତି। ପର୍ଯ୍ୟଟନ କ୍ଷେତ୍ରର ଉନ୍ନୟନ ପାଇଁ ପୂର୍ବରୁ ଅନୁଦାନ ଆସିଛି। ମାତ୍ର ସେହି ଅନୁଦାନରୁ ଟଙ୍କାଟିଏ ଅଦ୍ୟାବଧି ଖର୍ଚ୍ଚ ହୋଇନାହିଁ। ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଜିଲାର ପର୍ଯ୍ୟଟନ ଶିଳ୍ପ ବିକଶିତ ହୋଇପାରିବ। ଦୀର୍ଘଦିନ ଧରି ଖାଲି ପଡିଥିବା ପର୍ଯ୍ୟଟନ ଅଧିକାରୀଙ୍କୁ ନିଯୁକ୍ତି ପାଇଁ ସେ ଦାବି କରିଛନ୍ତି। ଏସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ପୂଜାରେ ହେବନି ସାଂସ୍କୃତିକ କାର୍ଯ୍ୟକ୍ରମ

ଧର୍ମଶାଳା,୧୮।୯(ଡି.ଏନ.ଏ.)

ଶାରଦୀୟ ଦୁର୍ଗୋତ୍ସବ ପାଇଁ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଜାରକାସ୍ଥିତ ପୂଜା ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାମାରୀ କରୋନା ପାଇଁ କଟକଣାରେ ୫ ଦିନ ବ୍ୟାପୀ ନିରାଡ଼ମ୍ବର ପୂଜା କରିବାକୁ ନିଷ୍ପତ୍ତି ହୋଇଛି। ପୂଜା ସମୟରେ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତ ଥର ବାତିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହସମ୍ପାଦକ ଆନନ୍ଦ ନାୟକଙ୍କ ସମେତ ବରିଷ୍ଠ ସଦସ୍ୟ ରାଜକିଶୋର ଶତପଥୀ, କିଶୋର ଚନ୍ଦ୍ର ନାୟକ, ଅଜୟ ନାୟକ, କ୍ଷୀରୋଦ ମୁଦୁଲି, ବିଚିତ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଶୁକ୍ରବାର ସୁନିଆରେ ପୂଜାର କର୍ତ୍ତା ତଥା କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ ଓ ବରିଷ୍ଠ ସଦସ୍ୟ ଅନିରୁଦ୍ଧ ରାଉତଙ୍କ ଉପସ୍ଥିତିରେ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ପୀଠରେ ପୂଜାର୍ଚ୍ଚନା କରାଯାଇ ମାଟି ଉଠାଣ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

# ମିଛ ମାମଲା ପ୍ରତ୍ୟାହାର ଦାବି ଜୋର ଧରିଲା




ଓସା କର୍ମକର୍ତ୍ତାମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୧୮।୯

- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓସାର ବିକ୍ଷୋଭ
- ଡିଜିପିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର

ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ଉପସ୍ଥାପନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଡିଜିପି ଅଭୟ କୁମାରଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ଏସମ୍ପର୍କରେ ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କୁହନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ ଅନୁଦାନ ଆସୁଥିଲେ ମଧ୍ୟ ତୃଣମୂଳସ୍ତରରେ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ସେଥିରେ ହୋଇଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ ଓସା କାମ କରୁଛି। ଫଳରେ ବହୁ ରାଜନେତା ଓ ପ୍ରଶାସକଙ୍କ ଦୁର୍ନୀତି ଲୋକଲୋଚନକୁ ଆସିପାରୁଛି। ଏପରି କି କେତେଜଣ ଲୋକ ବିରୋଧ କରି ଓସାର କର୍ମକର୍ତ୍ତାଙ୍କୁ ଆଇନ ଜାଲରେ ଫସାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏପରି ଘଟଣା ଓସାର କର୍ମକର୍ତ୍ତା ପ୍ରଦୀପ ପ୍ରଧାନ, ସହଯୋଗୀ ଶ୍ରୀକାନ୍ତ ପାକଳ, ଜିତେନ୍ଦ୍ର ସାହୁଙ୍କ କ୍ଷେତ୍ରରେ ଘଟିଛି। ସେମାନଙ୍କ ବିରୋଧରେ ମିଛ ମକଦ୍ଦମା ହୋଇଥିଲେ ମଧ୍ୟ ଏନେଇ ପ୍ରକୃତ ତଦନ୍ତ କରାଯାଉନାହିଁ। ବରଂ କେତେକ କ୍ଷେତ୍ରରେ ଓସା କର୍ମକର୍ତ୍ତାଙ୍କୁ ବଦ୍‌ନାମ ପାଇଁ ଉଦ୍ୟମ ଜାରି ରହିଛି। ଏହି ମିଛ ମାମଲା ପ୍ରତ୍ୟାହାର ପାଇଁ ଆଜି ବିକ୍ଷୋଭ ହୋଇଥିଲା ବୋଲି ଜିଲା ଆବାହକ ମହାନ୍ତି କହିଛନ୍ତି। ଉକ୍ତ ବିକ୍ଷୋଭରେ ନିରଞ୍ଜନ ପରିଡା, ପ୍ରକାଶ ଚନ୍ଦ୍ର ଦାସ, ପବିତ୍ର ପାଣି, ପ୍ରଦୀପ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ବ୍ରାଉନ୍ ସୁଗାର ଜବତ

ଡେରାବିଶ,୧୮।୯(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅଞ୍ଚଳରୁ ପୋଲିସ ୩ ଯୁବକଙ୍କୁ ଗିରଫ କରିଛି। ଏହି ୩ ଅଭିଯୁକ୍ତ ବ୍ରାଉନସୁଗାର କାରବାରରେ ଲିପ୍ତ ଥିବା ପୋଲିସ କହିଛି। ସେମାନେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ପାଟସାଇଲୋ ଗ୍ରାମର ରାକେଶ କୁମାର ଷଡ଼ଙ୍ଗୀ, ଚାନ୍ଦୋଳ ପଞ୍ଚାୟତ ଗଣେଶପୁର ଗ୍ରାମର ବଳରାମ ମିଶ୍ର ଓ ମୁକୁନ୍ଦପୁର ପଞ୍ଚାୟତ ଗିରିଗୋଲା ଗ୍ରାମର ଶକ୍ତିସ୍ୱରୂପ ମହାନ୍ତି। ରାକେଶଙ୍କଠାରୁ ୨୭୨ ମିଲିଗ୍ରାମ ବ୍ରାଉନସୁଗାର ଓ ନଗଦ

- ୩ ଅଭିଯୁକ୍ତ ଜେଲ ଗଲେ
- ବାଇକ୍, ନଗଦ ଟଙ୍କା, ମୋବାଇଲ ଜବତ

୧୭୨୦ ଟଙ୍କା, ବଳରାମଙ୍କଠାରୁ ୧୩୬ ମିଲିଗ୍ରାମ ବ୍ରାଉନସୁଗାର ଓ ୧୩୫୦ ଟଙ୍କା ଏବଂ ଶକ୍ତିସ୍ୱରୂପଙ୍କଠାରୁ ୧୩୬ ମିଲିଗ୍ରାମ ବ୍ରାଉନ ସୁଗାର ଓ ୭୫୦ ଟଙ୍କା ପୋଲିସ ଜବତ କରିଛି। ଏଥିସହିତ ସେମାନେ ବ୍ୟବହାର କରୁଥିବା ଏକ ବାଇକ୍ (ନଂ.ଓ.ଆର୦୫ଏଏମ୍୫୭୨୩) ଓ ୩ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ତନାଘନା ଚାଲିଛି। ଜବତ ୩ ମୋବାଇଲ୍‌ରେ ଥିବା କଲ୍ ରେକର୍ଡକୁ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏ ନେଇ ସଦର ଥାନାରେ ଏକ ମାମଲା(ନଂ.୫୧୮/୨୧) ରୁଜୁ ହୋଇଛି। ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବାରିମୂଳ ସବ୍‌ଜେଲକୁ ପଠାଇ ଦିଆଯାଇଛି।

## ବନ୍ୟା ବେଳେ ପାନୀୟ ଜଳ ପାଇଁ ହାହାକାର

- ହାତବାନ୍ଧି ବସିଛନ୍ତି ବିଭାଗୀୟ ଅଧିକାରୀ
- ୭ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ବିଡିଓ କହିଲେ ପାଣି ପାଉଚ୍ ଦିଆଯାଉଛି

ପଟ୍ଟାମୁଣ୍ଡାଇ,୧୮।୯

ଲଗାଣ ବର୍ଷାକୁ ୭ ଦିନ ବିତିଛି। ଆଉ ବର୍ଷା ହେଉନାହିଁ, ହେଲେ ୭ଦିନ ହେଲା ଜଳବନ୍ଦୀ ଜୀବନ କାଟୁଛନ୍ତି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୌୟାଞ୍ଚଳବାସୀ। ବ୍ରାହ୍ମଣୀ ଓ କଣୀନଦୀରେ ବନ୍ୟା ଆସିବାରୁ ପଟ୍ଟାମୁଣ୍ଡାଇ ବ୍ଲକର ୧୩ ପଞ୍ଚାୟତ ସମେତ ପୌରାଞ୍ଚଳର ୧୧ ୱାର୍ଡ ପ୍ରଭାବିତ ହୋଇଛି। ଅମୃତମଣୋହି ଗାଁ ରାସ୍ତାରେ ଥିବା ପୋଲରେ ଘାଇ ସୃଷ୍ଟି ହେବାରୁ ବହୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି। ବନ୍ୟାପାଣି ମାଡି ଯିବାରୁ ସେହି ଗାଁଗୁଡ଼ିକ ଜଳମଗ୍ନ ହୋଇଛି। ଚାଷ ଜମିରେ ପାଣି ପଶିଛି। ହେଲେ ବନ୍ୟାଜଳ ଘେରରେ ଥିବା ଲୋକଙ୍କୁ ପିଇବା ପାଣି ମିଳୁନାହିଁ। କୂଅ, ପୋଖରୀ ଓ ନଳକୂପ ବନ୍ୟାଜଳରେ ବୁଡ଼ି ରହିଛି। ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାଇପରେ ଆସୁଥିବା ପାଣି ବି ମିଳୁନାହିଁ। କାରଣ ସେହି ପ୍ରକଳ୍ପ ବନ୍ୟାଜଳ ଘେରରେ ରହିଛି। ଏହି ପରିପ୍ରେକ୍ଷୀରେ ଧୌୟାଞ୍ଚଳ ବାଛରା ପଞ୍ଚାୟତବାସୀ ଗତ ୭ ଦିନ ହେଲା ଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ଗ୍ରାମ୍ୟଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ



ଅଚଳ ପାନୀୟ ଜଳ ପ୍ରକଳ୍ପ।

ବୋଲି ଗ୍ରାମବାସୀ କହିଛନ୍ତି। ଏହା ସତ୍ତ୍ୱେ ସରପଞ୍ଚ ସୁଧାଂଶୁ ସାମଲ,ସାମାଜିକ କର୍ମୀ ସଂଗ୍ରାମ ସାମଲ, ସମିତିସଭ୍ୟ ଜ୍ୟୋତି ପ୍ରକାଶ ବେହୁରା,ସୂର୍ଯ୍ୟମଣି ମଲିକ,ବାବାଜୀ ସ୍ୱାଇଁ, ପବିତ୍ର ସାମଲ ପ୍ରମୁଖ ପଟ୍ଟାମୁଣ୍ଡାଇ ବିଡ଼ିଓ ଭରତ ଚନ୍ଦ୍ର ପରିଡା, ଗ୍ରାମ୍ୟଉନ୍ନୟନ ବିଭାଗ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ୍ ମିଶ୍ରଙ୍କୁ ଜଣାଇଥିଲେ। ତଥାପି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ବିଡିଓ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ବନ୍ୟା ପ୍ରପୀଡ଼ିତ ଗ୍ରାମରେ ପାଣି ପାଉଚ୍, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ବନ୍ୟାଜଳ କମିଗଲା ପରେ ସମସ୍ତ ଗାଁକୁ ପାଇପ ଦ୍ୱାରା ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଖରିଫ ଧାନ ଫସଲ ଉଜୁଡ଼ିବ

ରାଜନଗର,୧୮।୯(ଡି.ଏନ.ଏ.)

ଗତ ୧୫ ତାରିଖରୁ ରାଜନଗର ଅଞ୍ଚଳରେ ବନ୍ୟା ଫଳରେ ୪ ପଞ୍ଚାୟତ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଥିଲା। ଏବେ ବନ୍ୟା ହ୍ରାସ ପାଇଥିଲେ ମଧ୍ୟ ଚାଷ ଜମିରେ ବନ୍ୟା ଜଳ ଖରିଫ ଧାନ ଫସଲକୁ ବୁଡାଇ ରଖିଛି। ବିଲରେ ଏବେ ବି ୪ ରୁ ୫ ଫୁଟ ଉଚ୍ଚର ପାଣି ରହିଛି। ଏଥିପାଇଁ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବ୍ଲକର ଧୋୟାଞ୍ଚଳ ଚକିବାଙ୍କଠାରୁ ବାଲିଚନ୍ଦ୍ରପୁରଯାଏ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିର ଖରିଫ ଧାନ ଚାଷ ନଷ୍ଟ ହେବ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି।

ଓସ୍ତିଆଗାଁର ସୁକାନ୍ତ କୁମାର ପ୍ରଧାନ ତାଙ୍କ ୫ ଏକର ଜମିରେ ଖରିଫ ଧାନ ଚାଷ କରିଥିଲେ। ତାହା ନଷ୍ଟ ହେବାକୁ ବସିଛି। ଏ ସଂକ୍ରାନ୍ତରେ ସୁକାନ୍ତ କହିଛନ୍ତି, ଧାରକରଜ କରି ଜମିରେ ସାଧନା, ସ୍ୱର୍ଣ୍ଣ ଓ କନକପ୍ଲସ୍ ଆଦି ଉନ୍ନତ ଅମଳକ୍ଷମ ଧାନ ବିହନ ପକାଇଥିଲି। ମାସେ ତଳେ ସମସ୍ତ ଜମିରେ ରୁଆ ବେଉଷଣ କାମ ସାରିଥିଲି। ହେଲେ ୪ ଦିନ ହେଲା ବନ୍ୟାଜଳ ଫସଲକୁ ବୁଡାଇ ରଖିଛି। ଦିନେ ଦୁଇଦିନ ଭିତରେ ପାଣି ନ ଛାଡିଲେ ଚାଷ ନଷ୍ଟ ହୋଇଯିବ। ସେହିପରି ବନ୍ଧପାଟଣା ଗାଁର ରୁଦ୍ର ନାରାୟଣ ବିଶ୍ୱାଳ, ଦୋଳ ଗୋବିନ୍ଦ ଲେଙ୍କା, ଓସ୍ତିଆ ଗାଁର ଗୁରୁ ଚରଣ ଦାସ ପ୍ରମୁଖ ଚାଷୀଙ୍କ ଧାନ ଫସଲ ବନ୍ୟାଜଳରେ ବୁଡି ରହିଥିବାରୁ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।



ଚାଷୀମାନେ ନିଜ କ୍ଷେତର ଧାନଗଛ ଦେଖାଉଛନ୍ତି।

# ବୁଡ଼ି ରହିଛି ସାଢ଼େ ୪ ହଜାର ହେକ୍ଟର ଜମିର ଫସଲ

- ମରୁଡ଼ି ପରିସ୍ଥିତି ପରେ ଦୁଃଖ ଦେଲା ବନ୍ୟା
- ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଲା

ଆଳି,୧୮।୯(ଡି.ଏନ.ଏ.)

ଚଳିତବର୍ଷ ଚାଷ ଆରମ୍ଭରୁ ଆବଶ୍ୟକ ଅନୁଯାୟୀ ବର୍ଷା ହେଲାନାହିଁ। ଉଠା ଜଳସେଚନ ସୁବିଧା ନ ଥିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲା। ଏହି ଚିନ୍ତାରେ ଚାଷୀମାନେ ଥିବାବେଳେ ବନ୍ୟା ବ୍ୟାପକ କ୍ଷତି ଘଟାଇଛି। ଏପରି ସ୍ଥିତିରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ବହୁ କଷ୍ଟରେ ଚାଷୀମାନେ ଅଳ୍ପକିଛି ଜମିରେ ଧାନଗଛ ବଞ୍ଚାଇ ରଖିଥିଲେ। ସେହି ଜମିରେ ଏବେ ବନ୍ୟା ଜଳ ଲହଡ଼ି ଭାଙ୍ଗୁଛି। କେଉଁଠି ଛାତିଏ ଉଚ୍ଚର ବନ୍ୟାଜଳ ଧାନଗଛକୁ ବୁଡାଇ ରଖିଛିତ ଆଉ କେଉଁଠି ପନିପରିବା ଫସଲ ଉଜୁଡ଼ି ଯାଇଛି।

ଆଳି ଧୋୟାଞ୍ଚଳ ଦେଇ ପ୍ରବାହିତ ଖରସ୍ରୋତା ଓ କାଣୀନଦୀର ବନ୍ୟାଜଳ ଯୋଗୁ ଡିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, କେତୁଆପାଳ, ଦେସାହି, ଏରଡ଼ଙ୍ଗ, ପାଳିମି, ପେତପଡା, ସଂସିଧା ଆଦି ପଞ୍ଚାୟତର ପ୍ରାୟ ସାଢ଼େ ୪ହଜାର ହେକ୍ଟର ଜମିର ଫସଲ ବୁଡ଼ି ରହିଛି।



ବୁଡ଼ି ରହିଥିବା ଜମିର ଧାନଗଛକୁ ଚାଷୀମାନେ ଦେଖାଉଛନ୍ତି।

ଚାଷୀମାନେ ନିଜ ଜମିର ଏପରି ଅବସ୍ଥା ଦେଖି ଚିନ୍ତାରେ ପଡିଛନ୍ତି। ଅଧିକାଂଶ ଚାଷୀ ଗାଁ ମହାଜନଙ୍କଠାରୁ ଆରମ୍ଭ କରି ବିଭିନ୍ନ ଅର୍ଥ ଲଗାଣକାରୀସଂସ୍ଥାରୁ ଋଣ ନେଇ ଚାଷ କରିଥିଲେ। ସେହି ଋଣ କିପରି ପରିଶୋଧ ହେବ ଓ ଚାଷୀ ପରିବାର ବର୍ଷକର ଦାନା କେଉଁଠୁ ଯୋଗାଡ଼ କରିବେ ତାହା ସେମାନଙ୍କୁ ଅଡୁଆରେ ପକାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଧୋୟାଞ୍ଚଳର ଚାଷୀ ରଘୁନାଥ ମହାନ୍ତି, ବିଷ୍ଣୁ ଚରଣ ସାମଲ, ଦଶରଥ ମଲ୍ଲିକ, ଦୁଃଶାସନ ସାମଲ, ଅନନ୍ତ ସାହାଣୀ, ବ୍ରହ୍ମାନନ୍ଦ ସାମଲ, ଚନ୍ଦ୍ର ମହାନ୍ତି, ଦୁର୍ଯ୍ୟୋଧନ ମହାନ୍ତି, ବିଜୟ ବେହୁରିଆ, ନୃସିଂହ ସାମଲ, କିଶୋର ମହାନ୍ତି, କାଳିନ୍ଦୀ ପରିଡ଼ା ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଆଳି କୃଷି ବିଭାଗ ଅଧିକାରିଣୀ ସୁଚେତା ପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ପ୍ରାୟ ସାଢେ ୪ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ସେହି ଫସଲ ଗତ ୫ ଦିନ ହେବ ବନ୍ୟା ଜଳରେ ବୁଡ଼ି ରହିଛି। ବନ୍ୟା ଜଳ କମିବା ପରେ କ୍ଷୟକ୍ଷତି ଆକଳନ କରାଯିବ।

**ଯୁବକଙ୍କ ଆତ୍ମହତ୍ୟା**

କାଳିଆପାଣି,(ଡି.ଏନ.ଏ.): କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ହନୁମାନ ମନ୍ଦିର ସାହିରେ ପାରିବାରିକ କଳହ ଯୋଗୁ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ କାଳିଆପାଣି ଗାଁର ଗଣେଶ ପିଙ୍ଗୁଆ(୨୭)। ଶନିବାର ରାତି ୮ଟାରେ ସେ ଘର ଭିତରେ ଥିବା କାଠରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କୌଣସି କାରଣକୁ ନେଇ ଗଣେଶଙ୍କ ସହ ତାଙ୍କ ସ୍ତ୍ରୀଙ୍କ ପାଟିତୁଣ୍ଡ ହୋଇଥିଲା। ତେବେ ରାତି ୭ ଟାରେ ସେ ଘରେ ପହଞ୍ଚି କେହି ନ ଥିବା ଦେଖି ଆତ୍ମହତ୍ୟା କରିଥିଲେ। ତାଙ୍କ ସ୍ତ୍ରୀ ଏହା ଦେଖି ପଡ଼ିଶା ଘର ଲୋକଙ୍କୁ ଡାକିବା ସହ ପୋଲିସକୁ ଖବର ଦେଇଥିଲେ।

## ସଂକ୍ଷେପରେ

### ଛତିଆରୁ ନିଖୋଜ ଛାତ୍ରୀ ବରମୁଣ୍ଡାରୁ ଉଦ୍ଧାର

ଭୁବନେଶ୍ୱର,୧୮।୯(ବ୍ୟୁରୋ): ଯାଜପୁର ଜିଲା ଛତିଆରୁ ନିଖୋଜ ଛାତ୍ରୀଙ୍କୁ ଭୁବନେଶ୍ୱରର ବରମୁଣ୍ଡା ରୁଚିକା ମାର୍କେଟରୁ ଉଦ୍ଧାର କରିଛି ଭରତପୁର ଥାନା ପୋଲିସ। ପଚରା ଉଚରା କରିବା ସହ ପରିବାର ଲୋକଙ୍କୁ ଜଣାଇବାକୁ ଛତିଆ ଥାନାକୁ ସୂଚନା ଦିଆଯାଇଛି। ଉଦ୍ଧାର ଛାତ୍ରୀ ଜଣକ ନବମ ଶ୍ରେଣୀରେ ପଢୁଥିବା ଜଣାପଡିଛି। ସୂଚନା ମୁତାବକ, ଛାତ୍ରୀଜଣକ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ଛତିଆ ଥାନାରେ ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ବରମୁଣ୍ଡା ରୁଚିକା ମାର୍କେଟସ୍ଥିତ ଏକ ନର୍ସିଂହୋମ ନିକଟରେ ସେ ବସିଥିବାବେଳେ ସ୍ଥାନୀୟ ଲୋକେ ଦେଖି ତାଙ୍କୁ ପଚାରିଥିଲେ। ଛାତ୍ରୀ ଜଣକ ରାଗରେ ଘରୁ ପଳାଇ ଆସିଥିବା କହିଥିଲେ। ଖବରପାଇ ଭରତପୁର ଥାନା ପୋଲିସ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ରବିବାର ପୋଲିସ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ଜଣାପଡିଛି।

### ଅଜଗର ଉଦ୍ଧାର



ଯାଜପୁର ଟାଉନ,୧୮।୯(ଡି.ଏନ.ଏ.): ପ୍ରଥମ ଥର ଯାଜପୁର ସହରରେ ଏକ ଅଜଗର ସାପ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ରାତି ୧୧ଟା ସମୟରେ ଯାଜପୁର ଦେବୀଗଡ଼ା ନିକଟ ବୈତରଣୀ ବନ୍ଧ ରାସ୍ତାପାର୍ଶ୍ୱ ଡ୍ରେନେଜ ପାଇପ୍ ମଧ୍ୟରୁ ଏକ ୮ ଫୁଟ୍‌ର ଅଜଗର ସାପ ବାହାରିଥିଲା। ଏହାର ଓଜନ ୧୦ କେଜିରୁ ଊର୍ଦ୍ଧ୍ୱ ହେବ। ଏହାକୁ ସ୍ନେକ୍ ହେଲ୍ପଲାଇନ୍ ସଦସ୍ୟ ଉଦ୍ଧାର କରିଥିଲେ। ଅଜଗରକୁ ଯାଜପୁର ରୋଡ ବନବିଭାଗ ତତ୍ତ୍ୱାବଧାନରେ ପ୍ରାକୃତିକ ଆବାସ ସ୍ଥଳରେ ଛଡ଼ାଯାଇଛି। ସ୍ଥାନୀୟ ଲୋକେ ଅଜଗରକୁ ଦେଖି ସ୍ନେକ୍ ହେଲ୍ପଲାଇନ୍ ସଦସ୍ୟ ପ୍ରମୋଦ କୁମାର ସାହୁଙ୍କୁ ଯୋଗାଯୋଗ କରିଥିଲେ। ଚଳିତ ବର୍ଷ ବୈତରଣୀ ବନ୍ୟାରେ ଏହି ଅଜଗରଟି ଭାସିଆସିଥିବା ଅନୁମାନ କରାଯାଉଛି।

### ମୃତକଙ୍କ ପରିବାରକୁ ଭେଟିଲେ ୩ ଦଳର ରାଜନେତା

ବରୀ,୧୮।୯(ଡି.ଏନ.ଏ.): ବରୀ ବ୍ଲକ ଅଧୀନ ବାଲିଆ ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର କିଶୋର ସିଂ(୫୫) ଓ ତାଙ୍କ ପୁଅ କୈଳାସ ସିଂ(୨୭) ଏବଂ ଇଶାଣପୁର ପଞ୍ଚାୟତର ରଞ୍ଜନ କୁମାର କର(୩୯) ବନ୍ୟା ସ୍ରୋତରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ଏହି ଖବରପାଇ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ଓ କଂଗ୍ରେସ ନେତା ଉମେଶ ଜେନା ତାଙ୍କ ଦଳୀୟ ସମର୍ଥକଙ୍କ ସହ ପୃଥକ୍ ଭାବେ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

### ପୋଖରୀରେ ବୁଡ଼ି ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ

ରସୁଲପୁର,୧୮।୯(ଡି.ଏନ.ଏ.): ପୋଖରୀରେ ବୁଡ଼ି ଶନିବାର ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଆଖିଆ ଥାନା ନରସିଂହପୁର ପଞ୍ଚାୟତର କାଳନ୍ଦୀ ସାହୁ(୩୨)। ଏନେଇ ତାଙ୍କ ବାପା ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ-୧୨/୨୧ ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ରବିବାର ବ୍ୟବଚ୍ଛେଦ ହେବ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ପ୍ରକୃତ କାରଣ ଜଣାପଡିବ ବୋଲି ଏସ୍‌ଆଇ ଅନିତା ପ୍ରଧାନ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କାଳନ୍ଦୀଙ୍କୁ ପରିବାର ଲୋକେ ଘରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ପୁଅ ଗାଁ ପୋଖରୀରେ ପଡିଥିବା ନେଇ ଖବର ଜାଣିବା ପରେ ସମସ୍ତେ ଘଟଣା ସ୍ଥଳକୁ ଯାଇଥିଲେ। ସେତେବେଳକୁ କାଳନ୍ଦୀଙ୍କ ମୃତ୍ୟୁ ଘଟି ସାରିଥିଲା। ତାଙ୍କୁ ପାଣିରୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଯୁବକଙ୍କ ହାତଗୋଡ଼ ଦିବ୍ୟାଙ୍ଗ ଥିବାରୁ ପାଣିରେ ମୁହଁ ମାଡ଼ି ପଡ଼ିଯାଇ, ଆଉ ଉଠି ନ ପାରିବାରୁ ମୃତ୍ୟୁ ବରଣ କରିଥାଇ ପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

# ଅବ୍ୟବସ୍ଥାରେ ରେଳ ରେକ୍ ପଏଣ୍ଟ

ଯାଜପୁର ଅଫିସ,୧୮।୯



ଯାଜପୁର- କେନ୍ଦୁଝର ରୋଡ୍ ରେଲୱେ ଷ୍ଟେଶନର ରେକ୍ ପଏଣ୍ଟ।

■ ୧୪ଟିର ଛାତ ନାହିଁ, ମରାମତି ପ୍ରସ୍ତାବ

■ ଯାଜପୁର-କେନ୍ଦୁଝର ରୋଡ ରେକ୍ ପଏଣ୍ଟରେ ସାର ହରିଲୁଟ୍

ଓଡ଼ିଶାର ରେଳ ରେକ୍ ପଏଣ୍ଟଗୁଡିକରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ତେଣୁ ବର୍ଷା ଦିନରେ ସାର ଅନଲୋଡିଂ ଓ ପରିବହନ ବାଧାପ୍ରାପ୍ତ ହେଉଛି। ବର୍ତ୍ତମାନ ୨୩ଟି ରେକ୍ ପଏଣ୍ଟ ମାଧ୍ୟମରେ ଓଡ଼ିଶାକୁ ବାର୍ଷିକ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଉଛି। ଜୁଲାଇ ମଧ୍ୟଭାଗରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଷ୍ଟିପାତ ସମୟରେ ସାର ବଣ୍ଟନ କରାଯାଇଥାଏ। ସାର ଏକ ହାଇଗ୍ରୋସ୍କୋପିକ ପଦାର୍ଥ ହୋଇଥିବାରୁ ପାଣିଠାରୁ ସୁରକ୍ଷିତ ରଖିବାକୁ ପଡ଼ିଥାଏ। ଏହାବାଦ ସମସ୍ତ ରେକ୍ ପଏଣ୍ଟରେ ଆବଶ୍ୟକ ଛାତ ଓ ଭଲ ରାସ୍ତା ନାହିଁ। ଆଲୋକ ବ୍ୟବସ୍ଥା ନ ଥିବାରୁ ସାର ପରିବହନରେ ସମସ୍ୟା ଉପୁଜୁଛି। ତେଣୁ ରେକ୍ ପଏଣ୍ଟ ଭିତ୍ତିଭୂମିର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜରଙ୍କୁ ପତ୍ର ଦିଆଯାଇଛି। ଏହାବାଦ୍ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରେକ୍ ପଏଣ୍ଟର ପ୍ରବେଶ ପଥ ଏବଂ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ହୋଇଛି। ତେବେ ଏହିକ୍ରମରେ ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟେଶନକୁ ଲାଗି ରହିଥିବା ରେକ୍ ପଏଣ୍ଟରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ସାଙ୍ଗକୁ ତାହା ଟ୍ରାଫିକ ସମସ୍ୟାର ପ୍ରମୁଖ କାରଣ ହୋଇଛି। ଏହି ରେକ୍ ପଏଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ସହରବାସୀଙ୍କ ପକ୍ଷରୁ ଏକାଧିକ ବାର ଦାବି କରାଯାଉଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ଏହି ରେକ୍ ପଏଣ୍ଟର ମରାମତି ପ୍ରସ୍ତାବକୁ ସହରବାସୀ କେତେଦୂର ଗ୍ରହଣ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜ୍ୟରେ ଥିବା ରେକ୍ ପଏଣ୍ଟଗୁଡିକ ମଧ୍ୟରୁ ବଲାଙ୍ଗୀର, କଣ୍ଟାବାଞ୍ଜି, ରୁପ୍‌ସା, ଝାରସୁଗୁଡା, କେସିଙ୍ଗା, ଖୋର୍ଦ୍ଧାରୋଡ, ଜୟପୁର, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାଉରକେଲା, ଡୁଙ୍ଗୁରୀପାଲି, ଜୁନାଗଡ, ନାରାୟଣପୁର ଓ ନୟାଗଡ ରେକ୍ ପଏଣ୍ଟରେ ଆଦୌ ଛାତ ନାହିଁ। ବାକି ୯ଟି ରେକ୍ ପଏଣ୍ଟରେ ଆଂଶିକ ଛାତ ରହିଛି। ପ୍ରାୟ କୌଣସି ରେକ୍ ପଏଣ୍ଟରେ ଆଲୋକ ବ୍ୟବସ୍ଥା ନାହିଁ। ତେବେ ରିପୋର୍ଟର କ୍ରମିକ ନମ୍ବର ୯ରେ ରହିଥିବା ଯାଜପୁର-କେନ୍ଦୁଝର ରୋଡ ରେକ୍ ପଏଣ୍ଟ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଏହି ରେକ୍ ପଏଣ୍ଟରେ ସିମେଣ୍ଟ, ସାର ଆଦି ଅନଲୋଡିଂ ହୋଇଥାଏ। ଏହା ସହରର ମଧ୍ୟ ଭାଗରେ ରହିଥିବାରୁ ବ୍ୟାସନଗର ସହରବାସୀ ଅତିଷ୍ଠ ହୋଇପଡିଛନ୍ତି। ମାଲ ପରିବହନ ସମୟରେ ଟ୍ରାଫିକ ସମସ୍ୟା ଲୋକଙ୍କୁ ଦୁର୍ବିଷହ କରୁଛି। ଏହି କାରଣରୁ ଆଖପାଖରୁ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କ ଜୀବନ ମଧ୍ୟ ସଙ୍କଟରେ ରହୁଛି। ଏହାସହ ସିମେଣ୍ଟ ଗୁଣ୍ଡରେ ସହରବାସୀ ଅଣନିଃଶ୍ୱାସୀ ହେଉଥିବାବେଳେ ଯାଜପୁର-କେନ୍ଦୁଝର ରେଳଷ୍ଟେଶନ ପରିସର ବାୟୁ ପ୍ରଦୂଷଣରେ ଉତ୍କଟ ହେଉଛି। ତେଣୁ ରେକ୍ ପଏଣ୍ଟକୁ ଷ୍ଟେଶନର ପଶ୍ଚିମ ଅଞ୍ଚଳକୁ ସ୍ଥାନାନ୍ତର କରିବାକୁ କମିଟି ପକ୍ଷରୁ ବାରମ୍ବାର ପ୍ରସ୍ତାବ ଦିଆଯାଉଛି। କିନ୍ତୁ ତାହା ସମ୍ଭବ ହୋଇପାରୁନାହିଁ।

ଅନ୍ୟପକ୍ଷେ ଭିତ୍ତିଭୂମିର ଅଭାବ ରହିଥିବା ଯାଜପୁର-କେନ୍ଦୁଝର ରୋଡ ରେକ୍ ପଏଣ୍ଟରୁ ୟୁରିଆ ସାର ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ଏହି ସୁଯୋଗରେ ନକଲି ସାର ବ୍ୟବସାୟୀମାନେ ମଧ୍ୟ ସକ୍ରିୟ ହୋଇ ଉଠିଛନ୍ତି। କେତେକ ସ୍ଥାନରେ ସରକାରୀ ଦରଠାରୁ କମ୍ ମୂଲ୍ୟରେ ସାର ବିକ୍ରି ହେଉଥିବା ଘଟଣା ନଜରକୁ ଆସିବା ପରେ ଚାଷୀଙ୍କ ମନରେ ଏଭଳି ସନ୍ଦେହ ଜାତ ହୋଇଛି। ସାର କାରବାରରେ ହୋଇଥିବା ଅନିୟମିତତାରେ କୋରେଇ ଅଞ୍ଚଳର ସାର ଡିଲରମାନଙ୍କ ସର୍ବାଧିକ ସମ୍ପୃକ୍ତି ରହିଛି ବୋଲି କୁହାଯାଉଛି। ସାରକୁ ଗୋଦାମକୁ ନ ଆଣି ରେକ୍ ପଏଣ୍ଟରୁ ସିଧା ରିଟେଲରମାନଙ୍କୁ ପ୍ରଦାନ କରାଯାଇଛି। ଫଳରେ ସାର ବଣ୍ଟନରେ ଚାଷୀଙ୍କୁ ଯେଉଁ ପ୍ରାଧାନ୍ୟ ଦିଆଯିବା କଥା ତାକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଇଛି। ଏଭଳିସ୍ଥିତିରେ ରେକ୍ ପଏଣ୍ଟର ମରାମତି ନେଇ ଜିଲା ପ୍ରଶାସନ ଦ୍ୱନ୍ଦ୍ୱରେ ରହିବା ସ୍ୱାଭାବିକ ବୋଲି ମତପ୍ରକାଶ ପାଉଛି।

## ୩ ଶିକ୍ଷକ ନିଲମ୍ବିତ, ବ୍ଲକ ଶିକ୍ଷାଧିକାରୀଙ୍କ ଦରମା ବନ୍ଦ

ଚଣ୍ଡିଖୋଲ,୧୮।୯(ଡି.ଏନ.ଏ.)

**ଜାଲ୍ ଓଟିଇଟି ସାର୍ଟିଫିକେଟ୍‌ରେ ଚାକିରି**

ବଡ଼ଚଣା ବ୍ଲକରେ ଜାଲ୍ ଓଟିଇଟି ସାର୍ଟିଫିକେଟ ଦେଇ ଚାକିରି କରିଥିବା ୩ ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ତେଲିଗଡ଼ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅମୀୟ ବରାଳ, ଅକରାବାଦ ସ୍କୁଲ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ଓ ଚାରିନଙ୍ଗଳ ସ୍କୁଲର ରେଜିୟା ସୁଲତାନା। ଏହି ୩ ଶିକ୍ଷକଙ୍କ ବିରୋଧରେ ୧୬ତାରିଖ ରାତିରେ ବଡ଼ଚଣା ଥାନାରେ ବ୍ଲକ ଶିକ୍ଷାଧିକାରୀ ହରିହର ଦଳେଇ ଏତଲା ଦେଇଥିଲେ।

ଭଦ୍ରକ ଜିଲାର ଜଣେ ସୂଚନା ଅଧିକାର କର୍ମୀ ସ୍କୁଲ ଓ ଗଣଶିକ୍ଷା ସଚିବ ସତ୍ୟବ୍ରତ ପୃଷ୍ଟିଙ୍କ ନିକଟରେ ଜାଲ ଓଟିଇଟି ସାର୍ଟିଫିକେଟ୍ ଦେଇ ଯାଜପୁର ଜିଲାରେ କେତେଜଣ ଶିକ୍ଷକ ଚାକିରି କରୁଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଜୁଲାଇ ୨୯ରେ ଯାଜପୁର ଜିଲା ଶିକ୍ଷାଧିକାରୀ ଓ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀଙ୍କୁ ଏହାର ତଦନ୍ତ କରି ଜାଲ ସାର୍ଟିଫିକେଟ୍ ଦାଖଲ କରିଥିବା ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର ସହିତ ସେମାନଙ୍କ ନାମରେ ଏତଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗତ ୪ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ଦରମା ବନ୍ଦ ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଦର୍ପଣ ଟ୍ରେଜେରିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ବ୍ଲକ ଶିକ୍ଷାଧିକାରୀଙ୍କ ଚେତା ପଶିଥିଲା।

ତେବେ ଆଶ୍ଚର୍ଯ୍ୟର କଥା ପ୍ରାଥମିକ ଶିକ୍ଷାନିର୍ଦ୍ଦେଶାଳୟ ତାଙ୍କ ପତ୍ର ସଂଖ୍ୟା ୧୨୨୨୫/୨୭/୦୭/୨୦୨୧ରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯଦି ସଂପୃକ୍ତ ଶିକ୍ଷକଙ୍କ ଜାଲ ସାର୍ଟିଫିକେଟ୍ ଦାଖଲ କରିଥିବା ପ୍ରମାଣିତ ହୁଏ ତେବେ ୧୯୬୨ ଅନୁସାରେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବ। ମାତ୍ର ଏହି ନିର୍ଦ୍ଦେଶକୁ ବ୍ଲକ ଶିକ୍ଷାଧିକାରୀ ଅମାନ୍ୟ କରି ସେମାନଙ୍କୁ କେବଳ ନିଲମ୍ବନ କରିବା ସହ ନିକଟସ୍ଥ ସ୍କୁଲରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସରକାରଙ୍କ ଆଇନକୁ ଉଲ୍ଲଂଘନ କରୁଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଦଳାଇଙ୍କୁ ପଚାରିବାରୁ ସେ କୁହନ୍ତି, ଯାହା ସରକାରଙ୍କ ନିୟମ ଥିବ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସରକାରୀ ସହାୟତାରୁ ବଞ୍ଚିତ ଭୂମିହୀନ ପରିବାର

■ ବର୍ଷାରେ ଭାଙ୍ଗିଗଲା ଘର

■ ପଡ଼ୋଶୀ ଘରେ ଆଶ୍ରୟ

ରସୁଲପୁର,୧୮।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତ ୩ ନମ୍ବର ୱାର୍ଡ ବାସିନ୍ଦା ଲୋକନାଥ ବେହେରାଙ୍କ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ପରିବାର ଭୂମିହୀନ ହୋଇଥିଲେ ମଧ୍ୟ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପାଇ ପାରିନାହିଁ। ପକ୍କାଘର, ମାଗଣା ବିଜୁଳି ସଂଯୋଗ ଓ କାଳିଆ ଯୋଜନା ସହାୟତା ମିଳିନାହିଁ। ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ପରିବାରକୁ ଜଣାନାହିଁ। ଏଭଳି ଅନେକ ଯୋଜନା ପାଇଁ ଯୋଗ୍ୟ ହୋଇଥିଲେ ବି ପ୍ରଶାସନିକସ୍ତରରେ ଅବହେଳା କରାଯାଉଛି ବୋଲି ଲୋକନାଥଙ୍କ ସ୍ତ୍ରୀ ରଶ୍ମିତା ଅଭିଯୋଗ କରିଛନ୍ତି।

ପରିବାରର ୫ ଲୋକ ମୁଣ୍ଡଗୁଞ୍ଜୁଥିବା କୁଡିଆଟି ବର୍ଷାରେ ଭାଙ୍ଗି ଯିବାରୁ ସେମାନେ ପଡ଼ୋଶୀ ଦେବା ବେହେରାଙ୍କ ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଛନ୍ତି। ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ ବୃଦ୍ଧା ମା'ଙ୍କ ଯତ୍ନ ନେଇପାରୁ ନାହାନ୍ତି। ଘର ଭାଙ୍ଗି ଯିବା ପରେ ଲୋକନାଥ ବୃଦ୍ଧା ମା'ଙ୍କୁ ଶ୍ୱଶୁର ଘରେ ଛାଡ଼ି ଦେଇଛନ୍ତି। ଲୋକନାଥ ଓ ତାଙ୍କ ସ୍ତ୍ରୀ ରଶ୍ମିତା ଦିନମଜୁରିଆ ଭାବେ କାମ କରି ଯାହା ରୋଜଗାର କରନ୍ତି ସେଥିରେ ୫ ପ୍ରାଣୀ କୁଟୁମ୍ବ ଚଳେ। ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଦୌଡ଼ିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ତଥାପି ଲୋକନାଥ ଅନେକ ଥର ପଞ୍ଚାୟତ ଅଫିସ ଯାଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ଅନ୍ୟ ଅଧିକାରୀଙ୍କୁ ଭେଟିଛନ୍ତି। ଏବେ ରାଜସ୍ୱ ନିରୀକ୍ଷକଙ୍କୁ ଭେଟି ଘର ଭାଙ୍ଗି ଯାଇଥିବା ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ଯାଇ ତଦନ୍ତ କରିବେ ବୋଲି କହିଥିଲେ ମଧ୍ୟ ସପ୍ତାହେ ହେଲା ଆସିନାହାନ୍ତି। ଘର ଢାଙ୍କିବା ପାଇଁ ପାଲ ଖଣ୍ଡିଏ ବି ମିଳିନାହିଁ। ପୁଅ ଦଶମ ଓ ଝିଅ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। ସେମାନଙ୍କୁ ନେଇ କେତେଦିନ ଭଙ୍ଗା କୁଡିଆ ଓ ବାରଦୁଆର ଶୁଙ୍ଘିପିଙ୍ଘା ହେଉଥିବି ବୋଲି ରଶ୍ମିତା କୋହଭରା କଣ୍ଠରେ କହିଛନ୍ତି। ସେହିପରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଘର ମଞ୍ଜୁର କରିବାକୁ ଲୋକନାଥ କହିଥିଲେ। ତାଙ୍କ ନାଁ ସବୁଥର ତାଲିକା ଉପରେ ରହୁଛି। ଏଥର ଘର ମିଳିଯିବ ବୋଲି ପଞ୍ଚାୟତରେ କହୁଛନ୍ତି। ମାତ୍ର କ'ଣ ହେଉଛି କେଜାଣି ତାହା ମିଳି ପାରୁନାହିଁ। ଏସମ୍ପର୍କରେ ପହଁଗା ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ କହିଛନ୍ତି, କ୍ଷେତ୍ରକୁ ଯାଇ ଦେଖିଲା ପରେ ଯାହାକିଛି ସହାୟତା ପ୍ରଦାନ କରିବା ସମ୍ଭବ ହେବ ସେ ଦିଗରେ ପଦକ୍ଷେପ ନିଆଯିବ। ତେବେ ଶ୍ରୀବନ୍ତପୁରରେ ସରକାରୀ ଜମି ନ ଥିବାରୁ ପଟ୍ଟା ଯୋଗାଇ ଦେବା ସମ୍ଭବ ହେଉନାହିଁ ବୋଲି ପ୍ରକାଶ କରିଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବପ୍ରସାଦ ଧଳ କହିଛନ୍ତି, ଏ ସମ୍ପର୍କରେ ସେ ଅବଗତ ନାହାନ୍ତି। ଅନୁସନ୍ଧାନ ପରେ ବାସ୍ତବ ସ୍ଥିତି କ'ଣ ସେ ସମ୍ପର୍କରେ ଜଣାଇବେ ବୋଲି ମତ ରଖିଛନ୍ତି।



ଭଙ୍ଗା ଘର ଆଗରେ ରଶ୍ମିତା ବେହେରା।

## ସରପଞ୍ଚଙ୍କୁ ଧରିବାକୁ ପୋଲିସ ଡରୁଛି

ପାଣିକୋଇଲି,୧୮।୯(ଡି.ଏନ.ଏ.)

**ଏସ୍‌ପିଙ୍କୁ ଭେଟିଲେ ଅଭିଯୋଗକାରୀ**

ହାଟସାହି ଗ୍ରାମର ଶରତ ପଥାଳଙ୍କୁ ରାଜେନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ସୁଶାନ୍ତ ବେହେରା ଏବଂ ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀ ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ସୁନା ଲୁଟ କରିନେଇଥିବା କୁଆଖିଆ ଥାନାରେ ଅଭିଯୋଗ ହୋଇଛି। କିନ୍ତୁ ରାଜନୈତିକ ବ୍ୟକ୍ତି ହୋଇଥିବାରୁ ସୁଶାନ୍ତଙ୍କ ବିରୋଧରେ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛି ବୋଲି ପଥାଳ ଅଭିଯୋଗ କରି ଯାଜପୁର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ନେଇ ଅନୁଧ୍ୟାନ କରାଯିବ ବୋଲି ଏସ୍‌ପି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଯାଜପୁର ଟାଉନ,୧୮।୯(ଡି.ଏନ.ଏ.)

ଯାଜପୁର ଥାନା ଅଧୀନ ପାଟପୁର ରଘୁନାଥପୁର ଗ୍ରାମର ମୁଣ୍ଡାସାହି ନିକଟ ଏକ ଗଛରୁ ଜଣେ ଆଦିବାସୀ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ତେବେ ତାଙ୍କୁ ହତ୍ୟା କରାଯାଇ ଗଛରେ ଟଙ୍ଗାଇ ଦିଆଯାଇଥିବା ଅଭିଯୋଗ ହେବାପରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ରଘୁନାଥପୁର ମୁଣ୍ଡାସାହିରେ ବାସ କରୁଥିବା ସୁରୁୱାଲି ଚତରା। ତାଙ୍କୁ ଯାଜପୁରସହରର ବାବୁ ଖାନ୍ ନାମକ ଜଣେ ବ୍ୟକ୍ତି ୨ୟ ବିବାହ କରିଥିଲେ। ଅନେକ ସମୟରେ ଉଭୟଙ୍କ ମଧ୍ୟରେ କଳହ ଲାଗିରହୁଥିଲା। ଶୁକ୍ରବାର ରାତିରେ ପରସ୍ପର ମଧ୍ୟରେ ବଚସା ହେବାପରେ ବାବୁ ତାଙ୍କୁ ଜୀବନରୁ ମାରିଦେଇ ଏକ ଗଛରେ ଝୁଲାଇ ଦେଇଥିବା ନେଇ ନାବାଳିକା ଝିଅ ଗେଲୁ ଗଣମାଧ୍ୟମ ଏବଂ ପୋଲିସ ସମ୍ମୁଖରେ ବୟାନ ଦେଇଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା ନଂ.୩୩୯/୨୧ ରୁଜୁ ହୋଇଛି। ପୋଲିସ ଅଧିକ ତଦନ୍ତ ଲାଗି ସାଇଣ୍ଟିଫିକ୍ ଟିମ୍ ଡକାଇଛି। ଏହି ଗ୍ରାମରେ ଦେଶୀ ମଦ, ବିଭିନ୍ନ ମାଦକ ଦ୍ରବ୍ୟ ବିକ୍ରି ହେବା ଫଳରେ ଏଭଳି ଘଟଣା ଘଟୁଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

## ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି



ତହସିଲଦାର ଓ ବିଧାୟିକା ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ବରୀ,୧୮।୯(ଡି.ଏନ.ଏ.)

ଚଳିତବର୍ଷ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଯୋଗୁ ଏହାର ଦକ୍ଷିଣ ପାର୍ଶ୍ୱରେ ଥିବା ବରୀ ବ୍ଲକ ଅଧୀନ ସାହୁପଡ଼ା ପଞ୍ଚାୟତର ମାଟିଆପଡ଼ାଠାରେ ଘାଇ ସୃଷ୍ଟି ହୋଇଛି। ଫଳରେ ସାହୁପଡ଼ା, ଧାରପୁର, ଇଶାଣପୁର, ବାଲିଆ ଓ ସ୍ୱାଇଁଖଣ୍ଡ ପଞ୍ଚାୟତର ବନ୍ୟାରେ ପ୍ରଭାବ ଅଧିକ ରହିବାରୁ ଏହି ଅଞ୍ଚଳର ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବନ୍ୟା କମିବା ପରେ ବି ଜଳ ନିଷ୍କାସନ ସୁବିଧା ନ ଥିବାରୁ ଶହଶହ ହେକ୍ଟର ଧାନ ଫସଲ ପାଣିରେ ବୁଡ଼ି ରହିଛି। ଏଥିଯୋଗୁ ଧାନ ଗଜା ହେବା ପରିସ୍ଥିତି ଦେଖାଦେଲାଣି। ଏହିକ୍ରମରେ ଶନିବାର ବରୀ ବିଧାୟିକା ସୁନନ୍ଦା ଦାସ ଓ ତହସିଲଦାର ମାନସ ରଞ୍ଜନ ଭୋଇ ସାହୁପଡ଼ା, ଧାରପୁର ଓ ଇଶାଣପୁର ଅଞ୍ଚଳ ପରିଦର୍ଶନ କରି ଚାଷୀଙ୍କୁ ଭେଟିଛନ୍ତି। ବନ୍ୟା ଓ ଲଘୁଚାପ ଜନିତ ବର୍ଷା ଯୋଗୁ ପାଚିଲା ଧାନ ନଷ୍ଟ ହୋଇଥିବା ନେଇ ଚାଷୀମାନେ ସେମାନଙ୍କ ନଜରକୁ ଆଣିଥିଲେ। ବିଧାୟିକା ଓ ତହସିଲଦାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିୟମ ମୁତାବକ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ବନ୍ୟା ଦ୍ୱାରା ଏହି ଅଞ୍ଚଳ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ତେବେ କୃଷି ବୀମା ରାଶି ପାଇବାରୁ ବଞ୍ଚିତ ହୋଇଥିବା ନେଇ ବିଧାୟିକା ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଭୟଙ୍କ ଘଟଣାସ୍ଥଳ ପରିଦର୍ଶନ ସମୟରେ ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ବରୀ ବ୍ଲକ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସମିତିସଭ୍ୟ ପ୍ରଦୀପ ଘଡ଼ାଇ ଓ ଅଭିନ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କଠାରୁ ୩୦ ହଜାର ଝାମ୍ପିନେଲେ ଦୁର୍ବୃତ୍ତ

ଚଢ଼େଇଧରା,୧୮।୯(ଡି.ଏନ.ଏ.)

ଜେନାପୁର ଥାନା ଅଧୀନ ୫୩ ନଂ. ଜାତୀୟ ରାଜପଥର ଚଢ଼େଇଧରା ଛକ ରାଣୀବନ୍ଦୀ ପୋଲ ନିକଟରେ ଜଣେ ମହିଳାଙ୍କଠାରୁ ୩୦ ହଜାର ଟଙ୍କା ଲୁଟ୍ ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଶନିବାର ମଧ୍ୟାହ୍ନରେ ଏହି ଥାନା ଅଧୀନ ସାହାଣୀଡ଼ିହ ପଞ୍ଚାୟତ ରାମଚନ୍ଦ୍ରପୁର ଗାଁର ସଦାନନ୍ଦ ସ୍ୱାଇଁଙ୍କ ସ୍ତ୍ରୀ ସୋଲି ଚଢ଼େଇଧରା ସେଣ୍ଟ୍ରାଲ ବ୍ୟାଙ୍କରୁ ୩୦ ହଜାର ଟଙ୍କା ଉଠାଇ ତାଙ୍କ ପୁତୁରାଙ୍କ ସହ ବାଇକ୍‌ରେ ଘରକୁ ଆସୁଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟ୍ କରିଥିଲେ। ସୋଲି ଚିତ୍କାର କରିବାକୁ ଦୁର୍ବୃତ୍ତ ବ୍ରାହ୍ମଣୀ ବ୍ରିଜ୍ ଅଭିମୁଖେ ଚାଲିଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ବାରମ୍ବାର ଏହି ଅଞ୍ଚଳରୁ ଲୁଟ ହେଉଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିବାରେ ପୋଲିସ ବିଫଳ ହେଉଛି। ତେଣୁ ଏଥିପ୍ରତି ଜିଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଚାଷୀଙ୍କ ସମସ୍ୟା ଜଣାଇଲା କୃଷକ ସଙ୍ଗଠନ



କୃଷକ ସଙ୍ଗଠନ କର୍ମକର୍ତ୍ତା ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ସହ ଆଲୋଚନା କରୁଛନ୍ତି।

ବିଞ୍ଝାରପୁର,୧୮।୯(ଡି.ଏନ.ଏ.)

ବିଞ୍ଝାରପୁର ନବନିର୍ମାଣ କୃଷକ ସଂଗଠନର ବ୍ଲକ ସଂଯୋଜକ ସନାତନ ସାହୁଙ୍କ ନେତୃତ୍ୱରେ ଏକ ବାରଜଣିଆ ପ୍ରତିନିଧି ଦଳ ଶନିବାର କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃର ବିଞ୍ଝାରପୁର ଶାଖା ପରିଚାଳକ ନଳିନୀକାନ୍ତ ସ୍ୱାଇଁଙ୍କୁ ଭେଟି ନାନା ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ବୀମା କରାଇ ଦେବା ନାଁରେ କେତେକ ପ୍ୟାକ୍ସର ଚାଷୀଙ୍କଠାରୁ ଅର୍ଥ ଆଦାୟ କରାଯାଇଛି, କେତେକ ପ୍ୟାକ୍ସର ଚାଷୀଙ୍କ ଜମାଖାତାକୁ ଏପର୍ଯ୍ୟନ୍ତ ବୀମା ରାଶି ପଠା ଯାଇନି, ବହୁ ଚାଷୀଙ୍କ ଋଣ ଖାତାରୁ ଗତ ବର୍ଷ ଶସ୍ୟ ବୀମା ବାବଦ ପ୍ରିମିୟମ ରାଶି କଟିଥିଲେ ମଧ୍ୟ ଚଳିତ ବର୍ଷ ସେମାନଙ୍କ ନାମ ବୀମା ରାଶି ତାଲିକାରେ ନାହିଁ। ତେଣୁ ଏସବୁ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିନିଧି ଦଳ ଶାଖା ପରିଚାଳକଙ୍କ ସହ ଆଲୋଚନା କରିଛନ୍ତି। ଶାଖା ପରିଚାଳକ ସ୍ୱାଇଁ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଆସନ୍ତା ୧୫ ଦିନ ମଧ୍ୟରେ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଳରାମ ବଳ, ରବୀନ୍ଦ୍ର ଧଳ, ଅଭିମନ୍ୟୁ ସାମଲ ଓ ସାମନ୍ତ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# କାମରେ ଆସୁନି ଜଳ ପରୀକ୍ଷାଗାର

ଚଣ୍ଡିଖୋଲ,୧୮।୯(ଡି.ଏନ.ଏ.)

■ ହଜାର ହଜାର ନଳକୂପ ଅଚଳ ହୋଇପଡ଼ିଛି

■ ୪ ବ୍ଲକ ଅଞ୍ଚଳର ଜଳ ନମୁନା ପରୀକ୍ଷା କରାଯାଏ

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ଚଣ୍ଡିଖୋଲଠାରେ ରହିଛି ଜିଲା ଜଳ ପରୀକ୍ଷାଗାର। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ଦ୍ୱାରା ପରିଚାଳିତ ଏହି ପରୀକ୍ଷାଗାର ଚଣ୍ଡିଖୋଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଚାଲିଛି। ଏଠାରେ ବଡ଼ଚଣା, ଧର୍ମଶାଳା, ବରୀ ଓ ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନର ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଏ। କେଉଁଠି କିପରି ଜଳ ରହିଛି ତାହା ଏହି ପରୀକ୍ଷାଗାରରୁ ହିଁ ଜଣାଯାଏ। ସରକାରଙ୍କ ତରଫରୁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଦ୍ୱାରା ବିଭିନ୍ନ ନଳକୂପ ଖନନ ପୂର୍ବରୁ ଜଳ ପରୀକ୍ଷଣ କରାଯାଇଥାଏ। ତେବେ ଏହି ଜଳ ପରୀକ୍ଷାଗାର କୌଣସି କାମରେ ଆସୁ ନ ଥିବାରୁ ଏବେ ବିଭାଗ ଦ୍ୱାରା ଖନନ କରାଯାଇଥିବା ହଜାରହଜାର ନଳକୂପ ଅଚଳ ହୋଇପଡ଼ିଛି। ଏପରି କି କେତେକ ସ୍ଥାନରେ ନଳକୂପର ଚିହ୍ନବର୍ଣ୍ଣ ନାହିଁ। କିନ୍ତୁ ପରିତାପର ବିଷୟ ବିଭାଗ ଦ୍ୱାରା ଏହି ନଳକୂପଗୁଡ଼ିକ କାର୍ଯ୍ୟକ୍ଷମ ହେଉଥିବା ନେଇ ରିପୋର୍ଟ ରହିଛି।

ସେହିପରି ଜଳଯୋଗଣ ପ୍ରକଳ୍ପ ଓ ନଳକୂପ ଦ୍ୱାରା ସ୍ୱଚ୍ଛ ପାନୀୟଜଳ ଯୋଗାଣ ନ ହେବାରୁ ଏବେ ମେଗା ପାନୀୟ ଜଳ ପ୍ରକଳ୍ପ କରାଯାଉଛି। କିନ୍ତୁ ଏହି ଜଳର ପରୀକ୍ଷଣ କରାଯାଉ ନ ଥିବା ନେଇ ଅଭିଯୋଗ ଉଠିଛି। ବିଭାଗ ପକ୍ଷରୁ ସରକାରୀ ଭାବେ ପ୍ରତିମାସରେ ୨୫୦ରୁ ଊର୍ଦ୍ଧ୍ୱ ଓ ବେସରକାରୀ ଭାବେ କୋଡ଼ିଏରୁ ତିରିଶ ସ୍ଥାନରୁ ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ କରାଯାଉଥିବା କୁହାଯାଉଛି। ହେଲେ ଜିଲା ଜଳ ପରୀକ୍ଷାଗାର ମାତ୍ର ୪ଜଣ କର୍ମଚାରୀରେ ସୀମିତ ରହିଛି। ଜଣେ ବ୍ୟକ୍ତି ଜଳ ନମୁନା ସଂଗ୍ରହ ଦାୟିତ୍ୱରେ ଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ଲାବରେଟୋରି ଆସିଷ୍ଟାଣ୍ଟଭାବେ ଅଛନ୍ତି। ସେହିଭଳି ଏହି ପରୀକ୍ଷାଗାରରେ ଦୁଇ ଜଣ ଲାବ କେମେଷ୍ଟ ନିଯୁକ୍ତି ପାଇଛନ୍ତି। ଅଧିକାଂଶ ସମୟ ଜଳ ପରୀକ୍ଷାଗାର ବନ୍ଦ ରହୁଥିବା ବେଳେ କାଗଜପତ୍ରରେ ପରୀକ୍ଷଣ ସଂଖ୍ୟା ଠିକ୍ ରହିଛି। ଜଣେ ମାତ୍ର ବ୍ୟକ୍ତି ନମୁନା ସଂଗ୍ରହ ଦାୟିତ୍ୱରେ ଥିବା ବେଳେ କିଭଳି ଭାବେ ଚାରିଗୋଟି ବ୍ଲକର ନଳକୂପର ପାଣି ସଂଗ୍ରହ କରି ପରୀକ୍ଷଣ ପାଇଁ ଆଣିପାରୁଛନ୍ତି ତାହା ମଧ୍ୟ ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଏ ନେଇ ପରୀକ୍ଷାଗାରର କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଚଣ୍ଡିଖୋଲ ପାନୀୟଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼ାଇଙ୍କୁ ପଚାରିବାରେ ସେ କୁହନ୍ତି, ପ୍ରତ୍ୟେକ ମାସରେ ୨୫୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ତେବେ ଆମ ଅଞ୍ଚଳରେ ଲୌହ ମିଶ୍ରିତ ଜଳ କେଉଁଠାରେ ଦେଖାଯାଇ ନାହିଁ ବୋଲି ସେ ସଫେଇ ଦେଇଛନ୍ତି।




ଜଳ ପରୀକ୍ଷାଗାର କାର୍ଯ୍ୟାଳୟ।

# ରୋଗକୁ ନିମନ୍ତ୍ରଣ କରୁଛି ପ୍ରଶାସନ

■ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନାବନା ଗଛ

■ କାମରେ ଲାଗୁନି ଡଷ୍ଟବିନ, ଏଣେତେଣ ପଡୁଛି ଆବର୍ଜନା

ନୟାଗଡ଼ ଅଫିସ,୧୮।୯

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ ସମ୍ମୁଖ ସତେଯେପରି ଡେଙ୍ଗୁକୁ ଆମନ୍ତ୍ରଣ କରୁଛି । ଅଫିସ ସମ୍ମୁଖରେ ଘାସ ଓ ଅନାବନା ଗଛ ଉଠିଛି । ପାଖରେ ଡଷ୍ଟବିନ୍ ରହିଛି । କିନ୍ତୁ ଡଷ୍ଟବିନରେ ଅଳିଆ ନ ପଡ଼ି ଘାସ ଓ ସେହି ଗଛ ଉପରେ ପକାଯାଉଛି । ଫଳରେ ସେଠାରୁ ଦୁର୍ଗନ୍ଧ ବାହାରୁଛି । ଏପରିକି ସେଠାରେ ପଡୁଥିବା ଆବର୍ଜନା ବହୁଦିନ ଧରି ଜମା ହୋଇ ରହିବା ଫଳରେ ମାଛି, ମଶାଙ୍କ ଅନ୍ତୁଡ଼ିଶାଳ ସାଜିଛି । ବିଭିନ୍ନ ସମୟରେ ସାଧାରଣ ଲୋକ ଏନେଇ ଆପତ୍ତି, ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି । ଏପରିକି କିଛିଦିନ ତଳେ କଂଗ୍ରେସ ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିଲା । ହେଲେ ସେହି ଅଭିଯୋଗକୁ ଅଣଦେଖା କରାଯାଇଛି। ସେହି ପରିସରକୁ ସଫେଇ କରାଯାଉନାହିଁ। ବର୍ଷ ତମାମ ସେହି ଅଞ୍ଚଳ ଅପରିଷ୍କାର ରହୁଛି। ଗତ ମାସରେ ନୟାଗଡ଼ ଜିଲାରେ ୭ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଏହାକୁ ନେଇ ଲୋକଙ୍କ ଚିନ୍ତା ବଢୁଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନାବନା ଗଛ ।

ସେହିପରି ସହରରୁ ବାହାରୁଥିବା ଅଳିଆ, ଆବର୍ଜନାକୁ ନୟାଗଡ଼ ସହର ଉପକଣ୍ଠ କ୍ଷେତ୍ରିବରପୁରଠାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ ଟ୍ରକ ଓ ଟ୍ରାକ୍ଟର ଯୋଗେ ନିଆଯାଉଛି । ହେଲେ ଆବର୍ଜନା ଯାଉଥିବା ଟ୍ରକ, ଟ୍ରାକ୍ଟର ଉପରେ ପାଲ ଘୋଡାଯାଉନାହିଁ। ଯଦ୍ୱାରା ଅଳିଆ ଆବର୍ଜନା ଟ୍ରକ, ଟ୍ରାକ୍ଟରରୁ ରାସ୍ତା ଉପରେ ଖସି ପଡୁଛି । ପୁଣି ଆବର୍ଜନା ଉପରେ ପାଲ ଘୋଡ଼ା ନ ହେବା ଦ୍ୱାରା ତାହା ପବନରେ ଉଡ଼ି ଲୋକଙ୍କ ଉପରେ ପଡୁଛି। ଏହାଦ୍ୱାରା ବାୟୁ ପ୍ରଦୂଷିତ ହେବା ନାନା ରୋଗ ସୃଷ୍ଟି କରୁଛି । ଏହାର ପ୍ରତିକାର କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରତିଦିନ ସହରରୁ ପ୍ରାୟ ୧୫ ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ ହୋଇଛି। ହେଲେ ଆବର୍ଜନା ଯାଉଥିବା ଗାଡ଼ି ଉପରେ ପାଲ ଘୋଡ଼ା ନ ଯିବାର କାରଣ ବୁଝା ପଡୁନାହିଁ । ଏନେଇ ସାମାଜିକ କର୍ମୀ ଚନ୍ଦ୍ର ବିଜୟୀ ମିଶ୍ର କୁହନ୍ତି, ଅନ୍ୟମାନଙ୍କୁ ନିଜ ପରିବେଶ ପରିଷ୍କାର ରଖିବାକୁ ପରାମର୍ଶ ପ୍ରଶାସନ ଦେଉଛି। ହେଲେ ନିଜେ ସେଥିପ୍ରତି ସଚେତନ ରହୁନାହିଁ। ପ୍ରଶାସନ ପ୍ରଥମେ ନିଜ କାର୍ଯ୍ୟାଳୟ ସଫା ରଖି ପରେ ଅନ୍ୟକୁ ପରିବେଶ ନିର୍ମଳ ରଖିବାର ବାର୍ତ୍ତା ଦେବା ଉଚିତ୍। ଅନ୍ୟପକ୍ଷେ ଆବର୍ଜନା ପରିବହନ ବେଳେ ପାଲ ଘୋଡ଼ାହେବା ଦରକାର। ଏହା କରାଗଲେ ସୁସ୍ଥ ପରିବେଶ ସୃଷ୍ଟି ହେବ। ପରିବେଶବତ୍ ବିଭୂତି ଭୂଷଣ ଦାଶ କୁହନ୍ତି, ପରିବେଶକୁ ନିର୍ମଳ ରଖିବାକୁ ପ୍ରଶାସନ କହୁଛି । ହେଲେ ନିଜର ଦୋଷ ଦୁର୍ବଳତାକୁ ନ ଦେଖି ଅନ୍ୟକୁ ପରାମର୍ଶ ଦେବା ଠିକ୍ ନୁହେଁ ।



ଟ୍ରାକ୍ଟରରେ ଯାଉଥିବା ଆବର୍ଜନା ଘୋଡ଼ାଯାଇ ନାହିଁ ।

## ସଂକ୍ଷେପରେ

### ତ୍ରିନାଥ ବଜାର ଦୋକାନରୁ ଚୋରି

**ଦଶପଲ୍ଲା,୧୮।୯(ଡି.ଏନ.ଏ.):** ଗତ ୩ ଦିନ ତଳେ ଡିହଗାଁ ଗ୍ରାମର ଶରତ ବେହେରା ବ୍ୟାଙ୍କରୁ ଟଙ୍କା ଉଠାଇ ଗାଡ଼ି ଡିକିରେ ରଖିଥିଲେ । ସେ ପରିବା କିଣିବାକୁ ଯାଇଥିବା ବେଳେ ତାଙ୍କ ଡିକି ଭାଙ୍ଗି କେହି ୬୦ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଥିଲା । ସେହି ଅଭିଯୁକ୍ତଙ୍କୁ ପୋଲିସ ଠାବ କରିପାରି ନ ଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ତ୍ରିନାଥ ବଜାର ଛକରେ ଥିବା ଚନ୍ଦନ କୁମାର ସ୍ୱାଇଁଙ୍କ ଦୋକାନ ଭାଙ୍ଗି ୨୫୦୦ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦଶପଲ୍ଲା ପୋଲିସ ତଦନ୍ତ ଜାରି ରଖିଥିଲେ ବି କାହାକୁ ଗିରଫ କରିପାରିନାହିଁ। ଅନ୍ୟ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ପରେ ପୋଲିସ ତନାଘନା ଚଳାଇଛି। ରାତି ପାଟ୍ରୋଲିଂ ପୋଲିସ ଆରମ୍ଭ କରୁ ବୋଲି ସାଧାରଣରେ ଦାବି ହୋଇଛି ।

### ଘର ଭୁଶୁଡ଼ି ବହୁ ସାମଗ୍ରୀ ନଷ୍ଟ



ଭୁଶୁଡ଼ି ପଡିଥିବା ଘର ।

**ନୟାଗଡ଼ ଅଫିସ,୧୮।୯:** ନୟାଗଡ଼ ତହସିଲ ଅଧୀନ ରାଜପାଟଣାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି । ଫଳରେ ଘରର ଆସବବାପତ୍ର ସହିତ ଫ୍ରିଜ, ଟିଭି, ଗଡ୍ରେଜ ଆଦି ସାମଗ୍ରୀ ନଷ୍ଟ ହୋଇଛି । ଘର ମାଲିକ ଗଜି ବେହେରାଙ୍କ ମାଆ ସେହି ଘରେ ଶୋଇଥିଲେ । ହେଲେ ସେ ପଦାକୁ ଯାଇଥିବାରୁ ଏକ ବଡ଼ ବିପଦରୁ ରକ୍ଷା ପାଇ ଯାଇଛନ୍ତି । ଲଗାଣ ବର୍ଷାରେ ଉକ୍ତ ଘରର କାନ୍ଥ ଓଦା ହୋଇ ରହିଥିଲା । ଶୁକ୍ରବାର ପ୍ରଥମେ ସେହି ଓଦା କାନ୍ଥ ଭାଙ୍ଗି ପଡିବା ପରେ ଘରଟି ଭୁଶୁଡ଼ି ପଡିଥିଲା ।

### ମହାଦେବୀପୁରରେ ପାନୀୟ ଜଳାଭାବ

**ଗୋଷାଣୀ,୧୮।୯:** ଗୋଷାଣୀ ବ୍ଲକ ବଡ଼ଗୋଷାଣୀ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ମହାଦେବୀପୁର ଗ୍ରାମରେ ପାନୀୟ ଜଳ ପାଇଁ ଗ୍ରାମବାସୀ ୧୦ ଦିନ ହେଲା ହନ୍ତସନ୍ତ ହେଉଛନ୍ତି। ଏଠାରେ ବସୁଧା ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି। ପାନୀୟ ଜଳ ଉଠାଉଥିବା ଟ୍ରାନ୍ସଫର୍ମରଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସାହି ମଧରେ ପ୍ରତି ଘର ସାମ୍ନାରେ ଥିବା ଷ୍ଟାଣ୍ଡପୋଷ୍ଟକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ମଇଳା ତଥା ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ସୂଚନା କର୍ମୀଙ୍କୁ ଅପହରଣ ଉଦ୍ୟମ

ନୂଆଗାଁ,୧୮।୯(ଡି.ଏନ.ଏ.)

**ଯନ୍ତ୍ରୀ, ଠିକାଦାର ସମ୍ପୃକ୍ତ ଥିବା ଅଭିଯୋଗ**

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ କଣିକିଆରି ଗ୍ରାମର ଜଣେ ସୂଚନା କର୍ମୀଙ୍କୁ ଶୁକ୍ରବାର ଜଣେ ଯନ୍ତ୍ରୀ ଓ ଠିକାଦାର ଉଠାଇ ନେଇଥିବା ନୂଆଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୨୧/୨୧) ରୁଜୁ କରିଛି । ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି ।

ଅଭିଯୋଗ ଅନୁଯାୟୀ, କଣିକିଆରି ଗ୍ରାମର କେଶବ ମହାକୁଡ (୫୨) ଜଣେ ସୂଚନା କର୍ମୀ । ସେ ସୂଚନା ଅଧିକାର ଆଇନ ବଳରେ କିଛି ତଥ୍ୟ ମାଗିଥିଲେ। ଏଥିରେ ଯନ୍ତ୍ରୀ ଓ ଠିକାଦାରଙ୍କ ଭିତିରି ସମ୍ପର୍କ ପଦାରେ ପଡିଯିବାର ଭୟ ରହିଥିଲା । ଫଳରେ ସେମାନେ ଉତ୍କ୍ଷିପ୍ତ ହୋଇ କେଶବଙ୍କୁ ଏକ ଗାଡ଼ିରେ ଉଠାଇ ଦଶପଲ୍ଲାର କୁଆଁରିଆ ନିକଟସ୍ଥ ଜଙ୍ଗଲ ରାସ୍ତାକୁ ନେଇ ଯାଇଥିଲେ । ସେଠାରୁ କେଶବଙ୍କୁ ଜଙ୍ଗଲକୁ ଟାଣି ଟାଣି ନେଉଥିବା ସମୟରେ ସେ ପାଟି କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କାରଣ ପଚାରିଥିଲେ । ଏହାପରେ ଉଭୟ କେଶବଙ୍କୁ ଛାଡି ଚାଲି ଯାଇଥିଲେ । ଏ ନେଇ ନୂଆଗାଁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି ବୋଲି ନୂଆଗାଁ ଥାନାଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି । ଅନ୍ୟପକ୍ଷେ ଏହି ଅଭିଯୋଗକୁ ସମ୍ପୃକ୍ତ ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ଭିତ୍ତିହୀନ ବୋଲି କହିଛନ୍ତି ।

# ଟିକାଦାନ କେନ୍ଦ୍ରରେ ଅବ୍ୟବସ୍ଥା

ନୟାଗଡ଼ ଅଫିସ,୧୮।୯

**ଖରା ବର୍ଷାରେ ଟିକା ନେବାକୁ ଲୋକଙ୍କ ଅପେକ୍ଷା**

ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲର ଟିକାଦାନ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଛି । ଟିକା ନେବାକୁ ଲୋକେ ବହୁ ଘଣ୍ଟା ଧରି ଧାଡି କରି ଅପେକ୍ଷା କରୁଛନ୍ତି। ସେହି ଲୋକମାନେ ଖରା ଓ ବର୍ଷାରେ ଠିଆ ହେବାକୁ ବାଧ୍ୟ ହେଉଛନ୍ତି। ଏପରି କି ସେହି ଲୋକମାନେ ନିଜ ଆଧାର କାର୍ଡକୁ ଧାଡିରେ ରଖୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଶନିବାର ଭାଜପା ନେତ୍ରୀ ଇରାନୀ ରାୟ ନୟାଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ଟିକାଦାନ କେନ୍ଦ୍ରକୁ ବୁଲିବାକୁ ଯାଇଥିଲେ । ବ୍ରଜେନ୍ଦ୍ର ହାଇସ୍କୁଲରେ ଅବ୍ୟବସ୍ଥା ଦେଖି ସେ ସିଡିଏମ୍‌ଓଙ୍କୁ ଫୋନ କରିଥିଲେ । ଏହି କେନ୍ଦ୍ରର ଦାୟିତ୍ୱ ନୟାଗଡ଼ ମ୍ୟୁନିସିପାଲିଟିର ବୋଲି ସେ କହିଥିଲେ। ଏହାପରେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଇରାନୀ ପଚାରିବାରୁ ଟିକାଦାନ କେନ୍ଦ୍ରର ଦାୟିତ୍ୱ ସିଡିଏମ୍‌ଓଙ୍କ ବୋଲି ସେ କହିଥିଲା । ଏହାକୁ ନେଇ ଇରାନୀ ଅସନ୍ତୋଷ ବ୍ୟକ୍ତ କରିଥିଲେ ।



ଟିକାଦାନ କେନ୍ଦ୍ର ଆଗରେ ଲୋକଙ୍କ ଭିଡ଼ ।

# ୩ ବାଇକ୍ ଲୁଟେରା ଜେଲ ଗଲେ

■ ଦିନରେ ଯୋଜନା, ରାତିରେ ଚୋରି

■ ଧରା ନ ପଡ଼ିବା ପାଇଁ ପାର୍ଟସ ଖୋଲି ବିକୁଥିଲେ

ନୟାଗଡ଼ ଅଫିସ,୧୮।୯

ନୟାଗଡ଼ ଜିଲା ଫତେଗଡ଼ ଥାନା ପୋଲିସ ଏକ ୩ ଜଣିଆ ବାଇକ୍ ଲୁଟେରା ଦଳକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ବୋଲଗଡ ବଣିଆସାହିର ଚନ୍ଦୁ ଓରଫ ଚନ୍ଦନ ଦେଓ, ବୋଲଗଡ଼ ତଳସାହିର ମାନସ ସାହୁ ଓ ହାଡିବନ୍ଧୁ ସାହୁଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ଶନିବାର ପଠାଇ ଦିଆଯାଇଛି । ଏହି ୩ ଲୁଟେରାଙ୍କଠାରୁ ୨ ବାଇକ ଓ ଗୋଟିଏ ବାଇକ୍‌ର ଖୋଲାଯାଇଥିବା ଯନ୍ତ୍ରାଂଶ ଜବତ କରାଯାଇଛି । ଏହି ଲୁଟେରାମାନେ ଦିନରେ ଆସି ଯୋଜନା ପ୍ରସ୍ତୁତ କରୁଥିଲେ ଓ ରାତିରେ ଚୋରି କରୁଥିଲେ । ଧରା ନ ପଡିବା ପାଇଁ ଚୋରା ବାଇକଗୁଡିକୁ ଖୋଲି ତାର ଯନ୍ତ୍ରାଶ ବିକ୍ରି କରୁଥିଲେ ।

ସୂଚନା ଅନୁଯାୟୀ, ଗତ ୮ ତାରିଖରେ ବନମାଳୀପୁରର ସଞ୍ଜୀବ କୁମାର ସାହୁଙ୍କ ବାଇକ୍ ଚୋରି ହୋଇଥିଲା । ସକାଳେ ଉପରୋକ୍ତ ୩ ଯୁବକ ଆସି ସାହୁଙ୍କ ବାରଣ୍ଡାରେ ବାଇକ୍ ରଖା ଯାଉଥିବା ଦେଖି ଯାଇଥିଲେ । ରାତିରେ ଆସି ବାଇକ୍ ଚୋରି କରି ପଳାଇଥିଲେ । ଯାହାର ଚିତ୍ର ସିସିଟିଭି ଫୁଟେଜରେ ଥିଲା । ଦିନରେ ଯୋଜନା ପ୍ରସ୍ତୁତ କରି ରାତିରେ ଚୋରି କରିଥିବା କଥା ସେମାନେ ସ୍ୱୀକାର କରିଛନ୍ତି । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୧୬୫/୨୧) ରୁଜୁ କରି ତଦନ୍ତ କରିଥିଲା । ଏହି ଘଟଣାରେ ପୋଲିସ ପ୍ରଥମେ ଚନ୍ଦଙ୍କୁ ଗିରଫ କରିଥିଲା । ପରେ ଅନ୍ୟମାନଙ୍କୁ ଗିରଫ କରିଛି । ସଞ୍ଜୀବଙ୍କ ବାଇକ୍ ଚୋରମାନେ ଖୋଲି ଦେଇଥିଲେ। ଅନ୍ୟ ୨ ବାଇକ୍ ଖୋଲିବା ପାଇଁ ଉଦ୍ୟମ କରାଯାଇଥିଲା ବୋଲି ଫତେଗଡ ଥାନା ଆଇଆସି ଗିରିଜା ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି ।



ଗିରଫ ୩ ଯୁବକ, ଖୋଲାଯାଇଥିବା ବାଇକ୍‌ର ଯନ୍ତ୍ରାଂଶ ।

# ଟିଉଶନ ଶିକ୍ଷକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୮।୯

ଟିଉଶନ ଶିକ୍ଷକ ବଳରାମ ଦାସଙ୍କୁ ଆକ୍ରମଣ ଘଟଣାରେ ବୈଦ୍ୟନାଥପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଅଶୋକନଗରର କାହ୍ନୁଆ ଦଳେଇ। ମାମଲା ନମ୍ବର ୨୪୩/୨୧ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଟିଉଶନ କରୁଥିବା ଜଣେ ଛାତ୍ରୀଙ୍କୁ ନ ପଢାଇବା ପାଇଁ କିଛି ଯୁବକ ବଳରାମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ପୋଲିସ ତଦନ୍ତ ବେଳେ ସ୍ପଷ୍ଟ ହୋଇଛି। ଘଟଣାରୁ ପ୍ରକାଶ, ଧରାକୋଟର ବଳରାମ ଓ ତାଙ୍କ ମା’ ବିଷ୍ଣୁପ୍ରିୟା ଦାସ ବ୍ରହ୍ମପୁର ଗେଟବଜାର ଗୋଲାପଲ୍ଲୀ ସାହିରେ ଏକ ଘର ଭଡା ନେଇ ରହୁଛନ୍ତି। ବଳରାମ ସହରର ବିଭିନ୍ନ ସ୍ଥାନରେ ଟିଉଶନ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ସେ ଟିଉଶନ ସାରି ଗତ ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ ଟାରେ ସାଇକେଲରେ ଘରକୁ ଫେରୁଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ନର୍ସିଂ ହୋମ ସମ୍ମୁଖରେ ୨/୩ ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ଏକ ଝିଅର ଫଟୋ ଦେଖାଇ ତାଙ୍କୁ ଜାଣିଛ କି ବୋଲି ପଚାରିଥିଲେ। ଉକ୍ତ ଝିଅଟି ଆମ ଟିଉଶନରେ ପଢୁଛି ବୋଲି ସେ କହିଥିଲେ। ଝିଅଟିକୁ ଟିଉଶନରୁ ବାହାର କରିଦେବା ପାଇଁ ଯୁବକମାନେ କହିଥିଲେ। ସେ ମନା କରିବାରୁ ଏଥିରେ ଉତକ୍ଷିପ୍ତ ହୋଇ ଜଣେ ଯୁବକ ବଳରାମଙ୍କ ଛାତି, ବେକ ଓ ହାତରେ ଏକ ବ୍ଲେଡ୍‌ରେ ଆକ୍ରମଣ କରି ଚମ୍ପଟ ମାରିଥିଲେ।

# ପାଣିଘେରରେ ମଣିପୁର ବାସିନ୍ଦା

ନୟାଗଡ଼ ଅଫିସ,୧୮।୯

ମହାନଦୀରୁ ବନ୍ୟାଜଳ ହ୍ରାସ ପାଇବା ପରେ ଭାପୁର ବ୍ଲକ ମଣିପୁର ବାସିନ୍ଦା ଆଶ୍ୱସ୍ତ ଅନୁଭବ କରିଛନ୍ତି । ମଣିପୁରକୁ ସଂଯୋଗ କରୁଥିବା ରାସ୍ତା ଉପରେ ୨ଫୁଟ ଉଚ୍ଚର ପାଣି ଥିଲା । ଲୋକମାନେ ସେହି ରାସ୍ତାରେ ଡଙ୍ଗାରେ ଯିବା ଆସିବା କରୁଥିଲେ। ଲୋକମାନେ ଜଳବନ୍ଦୀ ଜୀବନ ବିତାଇ ଥିଲେ ।



ମଣିପୁର ରାସ୍ତା ବନ୍ୟାଜଳ ।

# ମାଷ୍ଟରମାଇଣ୍ଡ ସମେତ ୫ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୮।୯

■ ଡକାୟତି ଯୋଜନା ପଣ୍ଡ

■ ୩ ଖଣ୍ଡା, ୫ ଅଫୁଟା ବୋମା ଜବତ

ଆଗକୁ ପାର୍ବଣ ଆସୁଛି। ଶନିବାର ବଡି ଭୋର ବ୍ରହ୍ମପୁର ବଡବଜାର ପୋଲିସ ଟିମ୍ ଏକ ୫ ଜଣିଆ ଡକାୟତି ଗ୍ୟାଙ୍ଗକୁ କାବୁ କରିଛି। ଉତ୍ତରାମୁଖୀ ତ୍ରିନାଥ ମନ୍ଦିର ନିକଟରେ କେତେକ ଅସାମାଜିକ ଯୁବକ ଜମା ହୋଇଥିବା ନେଇ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୋଲିସକୁ ଖବର ମିଳିଥିଲା। ଥାନାଧିକାରୀ ପ୍ରଶାନ୍ତ ଭୂପତିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ସେଠାରେ ବିଳମ୍ବିତ ରାତ୍ରି ପ୍ରାୟ ୨ଟାରେ ଚଢ଼ାଉ କରିଥିଲା। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଲକ୍ଷ୍ମୀ ନୃସିଂହ ସାହିର ଲବ ସେଠୀ ଓରଫ ବାଲ ବଚ୍ଚା (୨୫), ଏନ.ତୁଫାନ ରେଡ୍ଡୀ ଓରଫ ଯଶୱନ୍ତ (୨୧), ଜଗବନ୍ଧୁ ହୁଡା ସାହିର ରାଜେଶ ନାୟକ ଓରଫ ବଣ୍ଡା (୨୨), ପନ୍ଦରା ସାହିର କାଳିଆ ସାହୁ (୨୪) ଓ ଗ୍ରାମଦେବତୀ ସାହିର ସତ୍ୟବାନ ସାହୁ ଓରଫ ହିରୋ(୧୮)ଙ୍କୁ ଗିରଫ କରିଥିଲା। ଡ଼କାୟତ ମାନଙ୍କଠାରୁ ୩ଟି ଖଣ୍ଡା ଓ ୫ଟି ଅଫୁଟା ବୋମା ଜବତ ହୋଇଥିବା ପୋଲିସ କହିଛି। ସେହିପରି ଚଢ଼ାଉ ବେଳେ ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିବା ଜଣାପଡିଛି। ଉତ୍ତରାମୁଖୀ ଅଞ୍ଚଳରେ ଥିବା ମିଲ ଓ ଅନ୍ୟ ଏକ ଦୋକାନରେ ଡକାୟତି ପାଇଁ ଦୁର୍ବୃତ୍ତମାନେ ଯୋଜନା କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ବାଲ ବଚ୍ଚା ନା’ରେ ବଡବଜାର ଥାନାରେ ୬ଗୋଟି ସଙ୍ଗୀନ ମାମଲା ରହିଥିବା ନେଇ ପୋଲିସ କହିଛି। ମାମଲା ନମ୍ବର ୧୯୧/୨୧ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଶନିବାର ସନ୍ଧ୍ୟାରେ ଏକ ପ୍ରେସ ନୋଟ ଜରିଆରେ ସୂଚନା ଦେଇଛନ୍ତି।






ଗିରଫ ଅଭିଯୁକ୍ତ ଏବଂ ଜବତ ଖଣ୍ଡା ଓ ବୋମା ।

# ୨ ବର୍ଷ ତଳେ ନିର୍ମିତ ରାସ୍ତା ଫାଟିଲା

■ ନିମ୍ନମାନର କାମ କହିଲେ ଗ୍ରାମବାସୀ

■ ମାଟି ଦୋଷ କହି ଏଡାଇ ଗଲେ କନିଷ୍ଠ ଯନ୍ତ୍ରୀ

ନୂଆଗାଁ,୧୮।୯(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପୁରୁଣା ଭାଲିଆପଦର ଗ୍ରାମରେ ଗତ ୨ ବର୍ଷ ତଳେ ନିର୍ମାଣ ହୋଇଥିବା ରାସ୍ତା ଫାଟି ଆଁ କରିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାରଙ୍କ ନିମ୍ନମାନର କାମ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧ କିଲୋମିଟର ଦୂରରେ ରହିଛି ପୁରୁଣା ଭାଲିଆପଦର ଗାଁ । ସେହି ଗାଁର ୧୫ ପରିବାର ବସବାସ କରନ୍ତି । ବହୁଦିନରୁ ସେହି ଗାଁକୁ ପକ୍କା ରାସ୍ତାଟିଏ ନ ଥିଲା । ପ୍ରଥମେ ଗ୍ରାମବାସୀ ନିଜସ୍ୱ ଟଙ୍କାରେ ମାଟି ପକାଇ ରାସ୍ତା ନିର୍ମାଣ କରି ଯିବାଆସିବା କରୁଥିଲେ । ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ସ୍ଥାନୀୟ ନେତାଙ୍କ ନିକଟରେ ଦାବି କରିବା ପରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା (ସୁଧ ଫଣ୍ଡ)ରୁ ୨୦୧୮-୨୦୧୯ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା । ଉକ୍ତ କାମ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଆସିଥିଲା । ହେଲେ ଜଣେ ଠିକାଦାରଙ୍କ ଦ୍ୱାରା ରାସ୍ତା ନିର୍ମାଣ କରାଯାଇଥିଲା । ଉକ୍ତ ରାସ୍ତାକୁ ୨୦୧୯ ସେପ୍ଟେମ୍ବରରେ ଉଦ୍‌ଘାଟନ କରାଯାଇଥିଲା । କିନ୍ତୁ ନିମ୍ନମାନର କାମ ଯୋଗୁ ଏବେ ସେହି ରାସ୍ତା ଫାଟି ଆଁ କରିଛି । ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ମାଟିକୁ ଦୋଷ ଦେଇ ଅଧିକାରୀମାନେ ଏଡାଇ ଦେଇ ଯାଉଛନ୍ତି । ରାସ୍ତା ନିର୍ମାଣ ଦାୟିତ୍ୱ ତୁଲାଇଥିବା ତଥା ନୂଆଗାଁ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ମୋନାଲିସା ଶତପଥୀଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ଚିରାଚରିତ ଭାବେ ମାଟିର ଦୋଷ ଦେଇ ଗ୍ରାମବାସୀଙ୍କ କଥାକୁ ଏଡାଇ ଯାଇଥିଲେ। ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ମୋ ସମୟରେ ସେହି କାମ ହୋଇ ନାହିଁ । ତଥାପି ସେ ବିଷୟରେ ମୁଁ ତଦନ୍ତ କରିବି ବୋଲି କହିଛନ୍ତି ।




ଲଗାଯାଇଥିବା ସୂଚନା ଫଳକ।



ରାସ୍ତା ଫାଟି ଆଁ କରିଛି ।

## ୨ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆସିକା, (ଡି.ଏନ.ଏ.):** ଆସିକା ବିଜ୍ଞାନ ମହାବିଦ୍ୟାଳୟର ୨ଜଣ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରଦର୍ଶକ ପୂର୍ଣ୍ଣଚନ୍ଦ୍ର ରାୟଗୁରୁ ଓ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ମୁନିଙ୍କୁ ଶନିବାର ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ସ୍ମିତାରାଣୀ ପଣ୍ଡା, ଧନଞ୍ଜୟ ମହାପାତ୍ର, ମମତା ମିଶ୍ର, କେଦାରନାଥ ପଣ୍ଡା, ଡ. ଅଭୟକେଶରୀ ପରିଚ୍ଛା ପଟ୍ଟନାୟକ, ରାଜେଶ କୁମାର ସାହୁ, ସାଶ୍ୱତ ମିଶ୍ର ପ୍ରମୁଖ ଅବସରପ୍ରାପ୍ତ ଏହି କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଓ ବନ୍ଧୁବତ୍ସଳତା ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ ଅବସରରେ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଦୁଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

**ସଂକ୍ଷେପରେ**

## ମହାନବମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ଖଜୁରିପଡ଼ା/ବଲସକୁମ୍ପା, ୧୮।୯ (ଡି.ଏନ.ଏ.):** ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ ପ୍ରସିଦ୍ଧ ମାଁ ବରାଳଦେବୀଙ୍କ ଆସନ୍ତା ୧୪ ତାରିଖରେ ମହାନବମୀ ଓ ଦଶହରା ପୂଜା ପାଳିତ ହେବ। ସ୍ଥାନୀୟ ବରାଳଦେବୀ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପଠାରେ ମାଁ ବରାଳ ଦେବୀ ମନ୍ଦିର ପରିଚାଳନା କମିଟିର ସଭାପତି ଚିତରଞ୍ଜନ ପ୍ରଧାନ ଓ ତହସିଲଦାର ସ୍ୱପ୍ନିତା ନାଏକଙ୍କ ତତ୍ତ୍ୱାବଧାନରେ ଶନିବାର ମହାନବମୀ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ସରକାରଙ୍କ କୋଭିଡ୍ ଗାଇଡ଼ ଲାଇନକୁ ଦୃଷ୍ଟିରେ ରଖି କିଭଳି ଶାନ୍ତି ଶୃଙ୍ଖଳାରେ ମହାନବମୀ ଓ ଦଶହରା ପୂଜା ହୋଇପାରିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅକ୍ଟୋବର ୧ ତାରିଖରେ ମାଁଙ୍କ ଦାନ ହୁଣ୍ଡି ଖୋଲାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି କରାଗଲା ଏବଂ ଜିଲାପାଳଙ୍କଠାରୁ ଅନୁମତି ଆଣି ପୂଜା ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମନ୍ଦିର ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର କହଁର, ଉପସଭାପତି ଗୌତମ ପ୍ରଧାନ, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ଦଳବେହେରା, ସେବାୟତ ଦିଲୀପ କୁମାର୍ ଦଳବେହେରା, ଉଦ୍ଧବ ବିଶୋଇ, ନଟବର ନାୟକ ମୁଖ୍ୟ ସେବକାରୀ ରଘୁନାଥ ସାହାଣୀ ଏବଂ ରାଜସ୍ୱ ନୀରିକ୍ଷକ ଅଧିକାରୀ ସବିତା ନାୟକ ଏବଂ ଅମିୟ ଭୂଷଣ ରାମ ଓ ପ୍ରତ୍ୟେକ ମୁଠାର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ମାଁ ଇଷ୍ଟଦେବୀ ଯୁବକଳା ପରିଷଦ ସଭାପତି ବୈଦ୍ୟନାଥ ବେହେରା, ସମ୍ପାଦକ ବିଦୂର ବେହେରା, ମାଁ ବରାଳଦେବୀ ଯୁବକ ସଂଘ ସଭାପତି ଦିଲୀପ କୁମାର ଦଳବେହେରା ପ୍ରମୁଖ ଯୋଗଦେଇଥିଲେ।

## ଭାଜପା ପକ୍ଷରୁ ସେବା ସପ୍ତାହ

**ବ୍ରହ୍ମପୁର ଅଫିସ/ଛତ୍ରପୁର (ଡି.ଏନ୍.ଏ.), ୧୭।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସରେ ଶୁକ୍ରବାର ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାରେ ଭାଜପା ପକ୍ଷରୁ ସେବା ସପ୍ତାହ ଆରମ୍ଭ ହୋଇଛି। ଏହି ଅବସରରେ ବ୍ରହ୍ମପୁ ସହରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିକୁ କରାଯିବା ସହ ମାଲ୍ୟାର୍ପଣ କରାଯାଇଥିଲା। ରାମ ଲିଙ୍ଗେଶ୍ୱର ମନ୍ଦିରଠାରେ ମୋଦିଙ୍କ ଲକ୍ଷ୍ୟ ପୂରଣ ନିମନ୍ତେ ୭୧ଟି ଦୀପ ପ୍ରଜ୍ୱଳନ ସହ ଠାକୁରଙ୍କୁ ୭୧ଟି ପଦ୍ମ ଚଢ଼ାଯାଇ ଗାୟତ୍ରୀ ମନ୍ତ୍ର, ମହା ମୃତ୍ୟୁଞ୍ଜୟ ମନ୍ତ୍ର ଓ ରାମତାରକ ପାଠ କରାଯାଇଥିଲା। ଏଥିରେ ଗଞ୍ଜାମ ଜିଲା ଭାଜପା ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଯୋଗ ଦେଇଥିଲେ। ଜିଲା ଉପସଭାପତି ରାମ କୁମାର ପାତ୍ରଙ୍କ ନେତୃତ୍ୱରେ ଜିଲା ଯୁବମୋର୍ଚ୍ଚା ଉପସଭାପତି କିରଣ କୁମାର ସାହୁଙ୍କ ସମେତ ଅଶୋକ ନିମାଇଁ, ଶରତ ସାହୁ, କେ. ରବି ରାଓ ପ୍ରମୁଖ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି ଛତ୍ରପୁର ଉପଖଣ୍ଡ ହସ୍ପିଟାଲରେ ଭାଜପା ନେତା ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏଥିସହ ଚାରାରୋପଣ କରାଯାଇଥିଲା। ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ଏନଏସି ପ୍ରଭାରୀ ସୁବାସ ଚନ୍ଦ୍ର ସାହୁ, ଜିଲା ଲିଗାଲ ସେଲ ଆବାହକ ପ୍ରଦୀପ କୁମାର ପାଢ଼ୀ, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ ରାଉଳ, ଜିଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ବୈଠକ

**ଆସିକା,୧୮।୯(ଡି.ଏନ.ଏ.):** କଳିଙ୍ଗ ବୈଶ୍ୟ ସଂଘ ଋଷିକୁଲ୍ୟା ଅଞ୍ଚଳର ୨୬ତମ ସାଧାରଣ ଅଧିବେଶନ ଶନିବାର ସ୍ଥାନୀୟ ଅଶୋକା ସିନେମା ହଲଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କେ. ଗୋପାଳକୃଷ୍ଣ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମହାସଂଘ ସଭାପତି ଇ. ପୁରୁଷୋତ୍ତମ ପାତ୍ର ମୁଖ୍ୟଅତିଥି, ସମ୍ପାଦକ ବି. ରାମନାରାୟଣ ସୁବୁଦ୍ଧି, ସୁରେଶ ପାତ୍ର, ଶରତ ପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଋଷିକୂଲ୍ୟା ଅଞ୍ଚଳର ପରିଚାଳନା କମିଟି ନିର୍ବାଚନ କିଶୋର ମୋହନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୩ ବର୍ଷ ପାଇଁ ଗୋପାଳ କୃଷ୍ଣ ସେନାପତି ସଭାପତି, ଚେଇନ ପାତ୍ର ଉପସଭାପତି, ତ୍ରିନାଥ ପାତ୍ର ସମ୍ପାଦକ, ତ୍ରିପତି ବାଲାଜୀ ପାତ୍ର ଯୁଗ୍ମ ସମ୍ପାଦକ, ରବିନାରାୟଣ ପାତ୍ର କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ଋଷିକୂଲ୍ୟା ଅଞ୍ଚଳ ପକ୍ଷରୁ ପୁରୀଠାରେ ଏକ ଧର୍ମଶାଳା ନିର୍ମାଣ ଲାଗି ନିଷ୍ପିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। କଳିଙ୍ଗ ବୈଶ୍ୟ ଆସିକା ଷଷ୍ଠ ସଂଘ, ପିତଳ, କୁରୁଳା ଗୋବିନ୍ଦପୁର, ବଡଖରିଡା ସଂଘ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଆସିକା, ସୋରଡ଼ା, ବଡ଼ଗଡ଼, ଶେରଗଡ଼, ପୋଲସରା, କବିସୂର୍ଯ୍ୟନଗର ଆଦି ଅଞ୍ଚଳର ବୈଶ୍ୟ ସଂଘର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।

# ୧୧୨ ଶିକ୍ଷକ, ଷ୍ଟାଫ୍ ନେଇନାହାନ୍ତି କରୋନା ଟିକା

**ଛତ୍ରପୁର,୧୮।୯(ଡି.ଏନ.ଏ.)**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଜାରି ରହିଛି । ତୃତୀୟ ଲହର ସମ୍ଭାବନା ଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ରାଜ୍ୟରେ ପିଲାମାନେ କରୋନାରେ ସଂକ୍ରମିତ ହେବା ନେଇ ଚିନ୍ତା ବଢ଼ିଛି । ପିଲାମାନଙ୍କ ପାଇଁ କରୋନା ଟିକା ସୁବିଧା ନ ଥିବାବେଳେ ସ୍କୁଲ ଓ କଲେଜର ଶତ ପ୍ରତିଶତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ନନ୍ ଟିଚିଂ ଷ୍ଟାଫ୍ କରୋନା ଟିକା ନେବା ବାଧ୍ୟତାମୂଳକ ରହିଛି। ଦୈନିକ କେତେଜଣ ଶିକ୍ଷକ ଏବଂ ଷ୍ଟାଫ୍ ଟିକା ନେଇଛନ୍ତି ସେନେଇ ରିପୋର୍ଟ ବ୍ଲକ ଶିକ୍ଷା ଅଧିକାରୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ପଠାଉଛନ୍ତି। ଏଥିସହ ସ୍କୁଲ ଓ କଲେଜର ସମସ୍ତ ଶିକ୍ଷକ ଏବଂ ସେଠାର ଷ୍ଟାଫ୍‌ମାନେ ଯେଭଳି କରୋନା ଟିକା ନେବେ ସେ ଉପରେ ଧ୍ୟାନ ଦେବାକୁ ମଧ୍ୟ କୁହାଯାଇଛି । ତେବେ ଜିଲାରେ ବହୁ ଶିକ୍ଷକ ଓ ଷ୍ଟାଫ୍‌ମାନେ ଟିକା ନେଇ ନ ଥିବା ଜଣାପଡିଛି । ଛତ୍ରପୁର ବ୍ଲକରେ ଥିବା ସ୍କୁଲ ଓ ଦ୍ୱାଦଶ ପର୍ଯ୍ୟନ୍ତ ଥିବା କଲେଜର ବହୁ ଶିକ୍ଷକ ଓ ଷ୍ଟାଫ୍ ଏପର୍ଯ୍ୟନ୍ତ କରୋନା ଟିକା ନେଇନଥିବା ଜଣାପଡିଛି । ଅପରପକ୍ଷରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଅଭିନବ ଉପାୟ ଅବଲମ୍ବନ କରି ଶିକ୍ଷୟତ୍ରୀ ଶିକ୍ଷକ ଏବଂ ନନ୍ ଟିଚିଂ ଷ୍ଟାଫ୍ କିଭଳି ଟିକା ନେବେ ସେନେଇ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଥିଲେ । ଏଥିରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ୍ ସହଯୋଗ କରି ସ୍ପେଶାଲ ଡ୍ରାଇଭ ଟିକାକରଣରେ ସାମିଲ ହୋଇଥିଲେ । ଏହାପରେ ଅନେକ ଶିକ୍ଷକ ଓ ଷ୍ଟାଫ୍ ଟିକା ନେଇଥିବା କୁହାଯାଇଛି । ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସୁଦ୍ଧା ଛତ୍ରପୁର ବ୍ଲକ ଓ ଏନ୍‌ଏସିରେ ଥିବା ସରକାରୀ, ବେସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜଗୁଡିକର ୮୮ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୨୪ ନନ୍ ଟିଚିଂ ଷ୍ଟାଫ୍ ମୋଟ ୧୧୨ ଜଣ ଟିକା ନେଇନାହାନ୍ତି । ସେଥିମଧ୍ୟରେ ୩ ଜଣ ସରକାରୀ ସ୍କୁଲ, କଲେଜ ଶିକ୍ଷକ ଥିବାବେଳେ ୮୫ ବେସରକାରୀ ସ୍କୁଲ ଓ କଲେଜର ଶିକ୍ଷକ ରହିଛନ୍ତି । ସେହିପରି ଜଣେ ସରକାରୀ ସ୍କୁଲ,କଲେଜର ଏବଂ ୨୩ ଜଣ ବେସରକାରୀ ସ୍କୁଲ ଓ କଲେଜର ନନ୍ ଟିଚିଂ ଷ୍ଟାଫ୍ ଅଛନ୍ତି । ଛତ୍ରପୁର ବ୍ଲକ ଓ ଏନ୍‌ଏସିରେ ବିଭିନ୍ନ ସ୍କୁଲ ଓ କଲେଜରେ ୯୯୬ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୩୮୬ ନନ୍ ଟିଚିଂ ଷ୍ଟାଫ୍ ଅଛନ୍ତି । ସେଥିରୁ ୭୧୨ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୨୪୮ ଜଣ ନନ୍ ଟିଚିଂ ଷ୍ଟାଫ୍ ଦୁଇଟି ଯାକ ଟିକା ନେଇଛନ୍ତି। ଅପରପକ୍ଷରେ ୧୯୬ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୧୧୪ ଜଣ ଷ୍ଟାଫ୍ କେବଳ ପ୍ରଥମ ଡୋଜ୍‌ଟିକା ନେଇଥିବା ସୂଚନା ଦିଆଯାଇଛି।

## ଅପସ୍ମାରରେ ଆକ୍ରାନ୍ତ ଆଶିଷଙ୍କୁ ନେଇ ଚିନ୍ତାରେ ଅଭିଭାବକ

**ଫୁଲବାଣୀ ଅଫିସ/ଚକାପାଦ, ୧୮।୯**


ଆଶିଷଙ୍କ ସହ ମା' ବାପା ।

ବୟସ ୨୦ ଟପିଲାଣି । ସଳଖ ହୋଇ ଠିଆ ହୋଇପାରୁ ନାହାନ୍ତି। ଦୀର୍ଘ ବର୍ଷ ଧରି ଘରେ ପଡି ରହିଛନ୍ତି । ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଦିନ ମଜୁରିଆ ମା' ବାପା ପୁଅ ଭଲ ହେବା ପାଇଁ ବହୁ ଅର୍ଥ ଖର୍ଚ୍ଚ କରି ଏବେ ନିରୁପାୟ ହୋଇପଡିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଚକାପାଦ ବ୍ଲକ କଖାରୁଖୋଲା ଗ୍ରାମରେ। ଅପସ୍ମାରରେ ଆକ୍ରାନ୍ତ ଆଶିଷଙ୍କୁ ସହାୟତା ଯୋଗାଇ ଦେବା ଏବଂ ସରକାରୀସ୍ତରରେ ମାଗଣା ଚିକିତ୍ସା କରାଇବାକୁ ମା' ବାପା ଆକୁଳ ନିବେଦନ କରିଛନ୍ତି।

ଗ୍ରାମର ଦୟାନିଧି ନାୟକଙ୍କ ପୁଅ ଆଶିଷ । ପିଲାଟି ଦିନରୁ ସେ ଅପସ୍ମାରରେ ଆକ୍ରାନ୍ତ ହୋଇଛନ୍ତି । ଦୟାନିଧି ଓ ତାଙ୍କ ସ୍ତ୍ରୀ ଚୁନି ମଜୁରି ଖଟି ପେଟ ପୋଷୁଛନ୍ତି। ପୁଅର ଚିକିତ୍ସା ପାଇଁ ନିଜେ ସଞ୍ଚିଥିବା ଅର୍ଥ ସାରିବା ସହ ବହୁ ଟଙ୍କା ଧାର ଉଧାର କରି ସାରିଲେଣି । ହେଲେ ପୁଅ ଭଲ ହେଉନାହିଁ । ଔଷଧ କିଣିବା ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ପୁଅ ଆଶିଷ ଅକର୍ମଣ୍ୟ ହୋଇ ଘରେ ପଡି ରହିଛନ୍ତି। ତାଙ୍କ ସେବା ଶୁଶ୍ରୁଷା କରିବା ପାଇଁ ଚୁନି ଆଉ କାମ କରିବାକୁ ଯାଇ ପାରୁନାହାନ୍ତି। ପରିସ୍ଥିତି ଏପରି ହେଲାଣି ଅର୍ଥ ଅଭାବରୁ ୩ ଜଣ ଦିନ ସାରା ଭଲରେ ଖାଇବାକୁ ପାଉ ନାହାନ୍ତି । ପୁଅର ଚିକିତ୍ସା ପାଇଁ ମା' ବାପା ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲା ପ୍ରଶାସନ ପାଖରେ ଗୁହାରି କରିଥିଲେ ହେଁ କେହି କିଛି ଶୁଣୁ ନାହାନ୍ତି । ଆଶିଷଙ୍କ ପାଇଁ ସରକାରୀସ୍ତରରେ ମାଗଣା ଚିକିତ୍ସା ଯୋଗାଇ ଦେବା ପାଇଁ ମା' ଚୁନୀ ଏବଂ ବାପା ଦୟାନିଧି ଗୁହାରୀ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜ୍ୟଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ ତାଙ୍କର ପରୀକ୍ଷା କରାଯାଇ ଚିକିତ୍ସା ସେବା ମାଗଣାରେ ଯୋଗାଇ ଦିଆଯିବ । ଯଦ ଅଧିକ ଚିକିତ୍ସାର ଆବଶ୍ୟକତା ପଡେ ତାଲେ ଆମେ ବାହାରକୁ ପଠାଇବାର ବ୍ୟବସ୍ଥା କରିବୁ ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ରମ୍ଭା,୧୮।୯**

ସାବୁଲିୟା ଛାତ୍ରୀଛାତ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଶନିବାର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ୧୯୮୨-୮୩ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉପଢୌକନ ପ୍ରଦାନ ସହ ମାନପତ୍ର ଦିଆଯାଇଥିଲା। ଏଥିସହ କାର୍ଯ୍ୟକ୍ରମ ପୂର୍ବରୁ ଦିବଂଗତ ଶିକ୍ଷୟିତ୍ରୀ ଶିକ୍ଷକ, ବନ୍ଧୁ ଓ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଦଶ କୁମାର ସାହୁ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଶିକ୍ଷକ ବିଜୟ କୁମାର ଦାସ, ଶିକ୍ଷୟିତ୍ରୀ ମିନାରାଣୀ ଦାସ, ବିଶ୍ୱନାଥ ଦାସ, ଲକ୍ଷ୍ମୀଧର ପ୍ରହରାଜ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବାଉରୀ ବନ୍ଧୁ ଗୌଡ଼ (ସଭାପତି), ପ୍ରଦଶ କୁମାର ସାହୁ (ସମ୍ପାଦକ), ଉମାକାନ୍ତ ସାହୁ (କୋଷାଧକ୍ଷ), ବିଶ୍ୱଜିତ ତରାଇ (ପରିଚାଳକ), ଅକ୍ଷୟ କୁମାର ସେନାପତି (ଉପଦେଷ୍ଟା ଓ ମାର୍ଗଦର୍ଶକ), ସୁରେନ୍ଦ୍ର କୁମାର ସାହୁ (ସଂଯୋଜକ /ମିଡ଼ିଆ ସେଲ)ଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପୋଷଣ ବାଟିକା , ଚାରା ରୋପଣ ମହାଭିଯାନ

**ଆର.ଉଦୟଗିରି,୧୮।୯(ଡି.ଏନ.ଏ.)**

୨୦୨୩ ଉପଲକ୍ଷେ ଜିଲାର କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ଆର.ଉଦୟଗିରି ପରିସରରେ ଇଫକୋର ମିଳିତ ସହଯୋଗରେ ଏକ ପୋଷଣ ବାଟିକା ଓ ଚାରା ରୋପଣ ମହାଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ସଂଗ୍ରାମ ପରମଗୁରୁ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଉକ୍ତ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାସ ଚନ୍ଦ୍ର ସାମଲ, ଜିଲା ଜଳବିଭାଜିକା ମୁଖ୍ୟ ସୁରେଶ କୁମାର, ଜିଲା ପଶୁସମ୍ପଦ ବିଭାଗ ମୁଖ୍ୟ ଡ.ରମାକାନ୍ତ ରଣା, ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ଦର୍ଶନ କୁମାର ସାହୁ, ଆର.ଉଦୟଗିରି କୃଷି ଜିଲା ଅଧିକାରୀ ଏମ.ଶ୍ରୀନିବାସ, ଆର.ଉଦୟଗିରି ବନ ବିଭାଗ ମୁଖ୍ୟ ସୁଜାତା ରାଣୀ ପଣ୍ଡା, ଇଫ୍‌କୋର ସହକାରୀ ମୁଖ୍ୟ ତାପସ ରଞ୍ଜନ ସାହୁ ଏବଂ ଆର.ଉଦୟଗିରି ଜିଲା ପରିଷଦ ଜାକବ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃଷକ, କୃଷିଜିବୀ ମହିଳାମାନଙ୍କୁ ବିହନ ପ୍ୟାକେଟ୍ ଓ ବୃକ୍ଷ ବିତରଣ କରାଯାଇଥିଲା ଏବଂ ଛାତ୍ରୀମାନଙ୍କୁ ମାଣ୍ଡିଆଯୁକ୍ତ ଖାଦ୍ୟ ବଣ୍ଟନ କରଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାରାରୋପଣ କରଯାଇଥିଲା। କେନ୍ଦ୍ରର କୃଷି ପାଣିପାଗ ବିଶେଷଜ୍ଞ ଜୟଶଙ୍କର ପ୍ରଧାନ, କୃଷି ଇଞ୍ଜିନିୟରିଂ ବିଶେଷଜ୍ଞ ଅମିତ ମାଝୀ, କାର୍ଯ୍ୟକ୍ରମ ସହାୟକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ତ୍ରୀର ମୁଣ୍ଡକୁ ପଥରରେ ଛେଚିଦେଲେ ସ୍ୱାମୀ

**ଫୁଲବାଣୀ ଅଫିସ, ୧୮।୯**

ଫୁଲବାଣୀ ସହର ଜିରିଙ୍ଗିପଡାରେ ସ୍ତ୍ରୀଙ୍କ ମୁଣ୍ଡକୁ ପଥରରେ ଛେଚ ଦେଇ ଶୁକ୍ରବାର ରାତିରେ ସ୍ୱାମୀ ଫେରାର୍ ହୋଇଯାଇଛନ୍ତି। ଆକ୍ରମଣରେ ଗୁରୁତର ଆହତ ମହିଳା ଜଣକ ହେଲେ ଭାଗ୍ୟବତୀ ନାୟକ। ତାଙ୍କୁ ପ୍ରଥମେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଭାଗ୍ୟବତୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁଇପର ଭାବେ କାମ କରନ୍ତି । ଶୁକ୍ରବାର ରାତିରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଖାଇପିଇ ଶୋଇଥିଲେ । ସକାଳେ ଅନ୍ୟ ଏକ କୋଠରୀରେ ଥିବା ପୁଅ ଝିଅ ଉଠି ମା' ବାପା ଶୋଇଥିବା ଘରେ ତାଲା ପଡିଥିବା ଦେଖିବାକୁ ପାଇଥିଲେ । ପଡିଶା ଲୋକଙ୍କୁ ଡାକି ତାଲା ଭାଙ୍ଗିବା ପରେ ଭିତରେ ଭାଗ୍ୟବତୀ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ପଡିଶା ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଅସହାୟ ପରିବାରକୁ ସହାୟତା ଦାବି

**ଫୁଲବାଣୀ ଅଫିସ/ସାରଙ୍ଗଡ,୧୮।୯**

କେନ୍ଦ୍ର ଓ ରାଜ୍ୟ ସରକାର ଗରୀବ ଲୋକଙ୍କ ରହିବା ପାଇଁ ଆବାସ ଯୋଜନା କରିଛନ୍ତି । ପ୍ରକୃତ ଗରୀବ ହିତାଧିକାରୀ କାହିଁ କେଜାଣି ଏହି ଯୋଜନାରୁ ବଞ୍ଚିତ ହେଉଛି । ଏହା ପଛରେ ରାଜନୈତିକ ହସ୍ତକ୍ଷେପ ଅବା ପ୍ରଶାସନିକ ଅବହେଳା ରହିଛି । ଆଜିର ସମାଜରେ ଜଣେ କିଭଳି ଦାରୁଣ ଦୁଃଖ କଷ୍ଟରେ ଭଙ୍ଗା ଦଦରା ମାଟି ଘରେ ନିଜ ପିଲାମାନଙ୍କୁ ନେଇ ପଡି ରହିଛି, ତାହା ନିଶ୍ଚିତ ସଭ୍ୟ ସମାଜ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏଭଳି ହୃଦୟ ବିଦାରକ ଘଟଣା କ.ନୂଆଗାଁ ବ୍ଲକ ସାରଙ୍ଗଡ ପଞ୍ଚାୟତ ସଲାଗୁଡା ଗ୍ରାମରେ ଦେଖିବାକୁ ମିଳିଛି।


ଦଦରା ଘର ସମ୍ମୁଖରେ ପରିବାର ସଦସ୍ୟ ।

ସାରଙ୍ଗଡ ପଞ୍ଚାୟତ ସଲାଗୁଡା ଗ୍ରାମ ୧୩ ନଂ. ୱାର୍ଡରେ ଅନୁସୟା ବେହେରା ନିଜ ପରିବାର ନେଇ ରହୁଛନ୍ତି । ସ୍ୱାମୀଙ୍କର ଗତ ୩ ବର୍ଷ ହେବ ଦେହାନ୍ତ ହୋଇଛି । ପରିବାର କହିଲେ ପୁଅ, ବୋହୂ ଏବଂ ନାତି ନାତୁଣୀ । ଅନସୂୟା ଏବଂ ପୁଅ ଯୋଗେନ୍ଦ୍ର ଦିନ ମଜୁରି କଲେ ଘରେ ଚୁଲି ଜଳେ । ଏହି ୫ ଜଣ ସଦସ୍ୟ ଯେଉଁ ଘରେ ରହୁଛନ୍ତି ତାହା ନ ଦେଖିଲେ ଜଣେ ବିଶ୍ୱାସ କରିବ ନାହିଁ। ଲଗାଣ ବର୍ଷାରେ ଏହି ପରିବାର ଆଦୌ ଶୋଇ ପାରିନାହାନ୍ତି। ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟି ଘର ଖଣ୍ଡେ ପାଇଁ ନିବେଦନ କରିଥିଲେ ହେଁ, କେହି ଏମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ନାହାନ୍ତି। ଏହି ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜଳଭଣ୍ଡାର ତଳିଆ ଅଞ୍ଚଳ ଲୋକଙ୍କୁ ସଚେତନତା

**ଲଘୁଚାପ ପ୍ରଭାବରେ ବନ୍ୟା ଆଶଙ୍କା**


ମାଇକ୍ ଯୋଗେ ଗ୍ରାମବାସୀଙ୍କୁ ସଚେତନତା କରାଯାଉଛି ।

**ଭଞ୍ଜନଗର,୧୮।୯(ଡି.ଏନ.ଏ.)**

ଲଗୁଚାପ ଜନିତ ବର୍ଷା ଭଞ୍ଜନଗର ଅଞ୍ଚଳରେ ରବିବାର ଓ ସୋମବାର ସମ୍ଭାବନା ଥିବାରୁ ସାମ୍ଭାବ୍ୟ ବନ୍ୟା ଆଶଙ୍କା ରହିଛି । ତେଣୁ ଜଳସମ୍ପଦ ବିଭାଗ ପକ୍ଷରୁ ଡ଼ହ ଜଳଭଣ୍ଡାରରୁ ପାଣି ଛଡ଼ାଯିବା ଜଣାପଡ଼ିଛି। ଶନିବାର ଡ଼ହ ଜଳସେଚନ ବିଭାଗ ପକ୍ଷରୁ ମାଇକ ଯୋଗେ ଜଳଭଣ୍ଡାରକୁ ଲାଗି ଏବଂ ଲୋହରାଖଣ୍ଡି ନଦୀ ତଟରେ ରହୁଥିବା ଗ୍ରାମବାସୀଙ୍କୁ ବର୍ଷା ହେଲେ ପାଣି ଛଡ଼ାଯିବା ନେଇ ସଚେତନ କରାଯାଇଥିଲା। ଶନିବାର ସନ୍ଧ୍ୟା ସୁଦ୍ଧା ଡ଼ହ ଜଳଭଣ୍ଡାରରେ ୭୫ ପ୍ରତିଶତ ପାଣି ଅଛି। ବର୍ଷା ହେଲେ ପାଣି ଛଡ଼ାଯିବ। ଭଞ୍ଜନଗର ଜଳଭଣ୍ଡାରରେ ୫୦ ପ୍ରତିଶତ ପାଣି ଥିବା ବେଳେ ସୋରଡ଼ାରେ ୪୦ ପ୍ରତିଶତ ପାଣି ଅଛି । ବାଘୁଆରେ ମଧ୍ୟ ବହୁତ କମ ପାଣି ଅଛି । ଏନେଇ ଭଞ୍ଜନଗର ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢ଼ୀଙ୍କ ସହ ଯୋଗାଯୋଗ କରିବାରୁ, ବର୍ଷା ହେଲେ କେବଳ ଡ଼ହରୁ ପାଣି ଛଡ଼ାଯିବ। ଅନ୍ୟ ଜଳଭଣ୍ଡାରରୁ ପାଣି ଛାଡ଼ିଲା ଭଳି ପରିସ୍ଥିତି ବର୍ତ୍ତମାନ ନାହିଁ ।

## ଭାରତ ବନ୍ଦ ସଫଳ ନେଇ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ୍,୧୮।୯**

ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ରେ ଭାରତ ବନ୍ଦ ସଫଳ କରିବା ନିମନ୍ତେ ଶନିବାର ଶହୀଦ୍ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଗଣ ସଂଗଠନମାନଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାଉଟି ଓ କୃଷକ ବିରୋଧୀ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ରଦ୍ଦ, କୃଷକ ସର୍ବନାଶକାରୀ କୃଷି ଜାତ ଦ୍ରବ୍ୟର ବାଣିଜ୍ୟ, ବ୍ୟବସାୟ ଏବଂ ବିତରଣକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରି ସମ୍ପୂର୍ଣ୍ଣ କର୍ପୋରେଟକରଣ କରିବା ଆଇନ୍ ରଦ୍ଦ, ସରକାରୀ ନିୟନ୍ତ୍ରିତ ମଣ୍ଡି ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା। ଏଥିରେ ଶ୍ରୀହର୍ଷ ରଥ, ସିଆଇଟିୟୁର ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ



ବେଳାଭୂମିରେ ସଚେତନ ଶୋଭାଯାତ୍ରା

**ଗୋପାଳପୁର,୧୮।୯-(ଡ଼ି.ଏନ.ଏ.)**

ଆନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଏକାଡ଼େମୀ ଅଫ ଟେକ୍ନୋକ୍ରାଫ୍ଟ ଓ ଜାତୀୟ ସାଗରତଟ ଗବେଷଣା କେନ୍ଦ୍ର ଚେନ୍ନାଇ ଆନୁକୂଲ୍ୟରେ ଗୋପାଳପୁର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପ୍ରଫେସର ପ୍ରତାପ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥିଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଉପଜିଲାପାଳ ଭି.କିର୍ତ୍ତୀଭାସନ, ଏକାଡ଼େମୀ ଅଫ ଟେକ୍ନୋକ୍ରାଫ୍ଟ ନିର୍ଦ୍ଦେଶକ ଦୀପକ କୁମାର ଦାସ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ଓ ୫୫ ନମ୍ବର ଜିଲା ପରିଷଦ ସଭ୍ୟ ଶଶୀଭୂଷଣ ମହାନ୍ତି ଓ ଅନ୍ୟାନ୍ୟ ଅଧିକାରୀ ଏଥିରେ ଯୋଗ ଦେଇ ସଚେତନ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବହୁ ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକ କର୍ମଚାରୀ ମାନେ ମିଳିତ ଭାବେ ଏକ ଶୋଭାଯାତ୍ରା କରି ବେଳାଭୂମିକୁ ସଫା ରଖିବା ସହ ଏଠାରେ ପ୍ଲାଷ୍ଟିକ ଓ ଜରି ନ ପକାଇବାକୁ ସଚେତନ କରିଥିଲେ।

## ନିଷ୍ଟ'ର ରୌପ୍ୟ ଜୟନ୍ତୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୋପାଳପୁର,୧୮।୯(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ପାଲୁରୁ ହିଲ୍ ସ୍ଥିତ ନିଷ୍ଟ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ଶନିବାର ରୌପ୍ୟ ଜୟନ୍ତି ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଭିଡ଼ିଓ ବାର୍ତ୍ତା ଜାରି କରିଥିଲେ । ଗତ ୨୫ ବର୍ଷ ଧରି ଏହି ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ନିଷ୍ଟ ରାଜ୍ୟରେ ତଥା ଦେଶରେ ଉତ୍ତମ ପ୍ରଦର୍ଶନ କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କଲେଜ୍‌ର ପ୍ରତିଷ୍ଠାତା ସୁକାନ୍ତ କେ.ମହାପାତ୍ର, କଲେଜ୍ ପରିଚାଳନା କମିଟି ସଦସ୍ୟ ବିମଳ କୁମାର ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ଗୋବିନ୍ଦ ଜେ.ଚକ୍ରପାଣୀ ମଞ୍ଚାସୀନ ଥିଲେ । ୧୮ ସେପ୍ଟେମ୍ବର ୧୯୯୬ରେ ଏହି ଅନୁଷ୍ଠାନ ସ୍ଥାପନ ହୋଇଥିଲା। ବୈଷୟିକ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଏହି ଅନୁଷ୍ଠାନ ସ୍ୱତନ୍ତ୍ର ପରିଚୟ ହାସଲ କରିବା ସହ ଏଠାରୁ ବହୁ ବିଦ୍ୟାର୍ଥୀ ଉତ୍ତିର୍ଣ୍ଣ ହୋଇ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଛନ୍ତି ବୋଲି ପ୍ରତିଷ୍ଠାତା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଜର୍‌ର ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର୍ ଚାରୀ, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମିତିସଭ୍ୟଙ୍କ ପୁନଃ ଭୋଟ ଗଣତି ଶେଷ, ସୋମବାର ଶୁଣାଣି

**ଛତ୍ରପୁର,୧୮।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ବ୍ଲକ ସାରୁ ପଞ୍ଚାୟତ ସମିତି ସମିତି ସଭ୍ୟ ନିର୍ବାଚନର ପୁନଃ ଭୋଟ ଗଣତି ଶନିବାର ଛତ୍ରପୁର ଦେୱାନୀ କୋର୍ଟରେ କରାଯାଇଛି । ଏହି ମାମଲାର ଶୁଣାଣି ଆସନ୍ତା ସୋମବାର ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି ।

୨୦୧୭ ଫେବୃୟାରୀ ୨୧ ରେ ଉକ୍ତ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଏହାର ୪ଦିନ ପରେ ଫେବୃୟାରୀ ୨୫ ରେ ହିଞ୍ଜିଳି ବ୍ଲକ ପରିସରରେ ନିର୍ବାଚନ ଗଣତି ହୋଇଥିଲା। ପୁନଃ ଭୋଟ ଗଣତି ପରେ ରାମଚନ୍ଦ୍ର ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅରୁଣ ପାତ୍ରଙ୍କଠାରୁ ୫ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ପ୍ରତିଦ୍ୱନ୍ଦ୍ୱୀ କରିଥିବା ପାତ୍ରଙ୍କର ସମସ୍ତ ବୁଥର ପୁନଃ ଗଣନା ଆବେଦନକୁ ନିର୍ବାଚନ ଅଧିକାରୀ ନାକଚ କରିଦେଇଥିଲେ। ଏହାପରେ ଅରୁଣ ଛତ୍ରପୁରର ବରିଷ୍ଠ ସିଭିଲ ଜଜ କୋର୍ଟରେ ନିର୍ବାଚନ ମାମଲା (୪/୧୭) ଦାଖଲ କରିଥିଲେ। ପରେ ରାମଚନ୍ଦ୍ର ହାଇକୋର୍ଟର ଦ୍ୱାରସ୍ଥ ହେବାସହ ରହିତାଦେଶ ଆଣିଥିଲେ। ଏହାର ସମୟସୀମା ସରିବା ପରେ ଛତ୍ରପୁର ବରିଷ୍ଠ ସିଭିଲ ଜଜ୍ ପୁନଃ ଗଣତି ଆଦେଶ ଦେଇଥିଲେ। କୋର୍ଟ ଭିତରେ ଗଣତି କରାଯାଇଥିଲା। ବରିଷ୍ଠ ଦେୱାନୀ ଜଜ୍ ମାନସ ରଞ୍ଜନ ରାୟଙ୍କ ଉପସ୍ଥିତିରେ ଉଭୟଙ୍କ ପକ୍ଷରୁ ଓକିଲ, ଏବିଡିଓ ଅରୁଣ କୁମାର ପ୍ରଧାନ, ଜିପିଓ ପ୍ରଶାନ୍ତ କୁମାର ରଥ, ଏକାଉଣ୍ଟସ୍ ଅଫିସର ଦିବ୍ୟସିଂହ ନାୟକ, କାର୍ଯ୍ୟ ନିର୍ବାହୀ


ବାଲଟ ବକ୍ସ।

**ସାରୁ ପଞ୍ଚାୟତ**

ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ ଏବଂ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଅରୁଣ ପାତ୍ର ଓ ରାମଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଭୋଟ ଗଣତି ପରେ ୯ ବାଲଟ ପେପର କୋର୍ଟରେ ବିଚାରାଧୀନ ରହିଲା। ସୋମବାର ଏହା ଉପରେ ଶୁଣାଣି କରାଯିବ ବୋଲି ସରକାରୀ ଓକିଲ ସୁରେଶ ପଣ୍ଡା ସୂଚନା ଦେଇଛନ୍ତି ।

ଉକ୍ତ ପଞ୍ଚାୟତରେ ୧୪ଟି ବୁଥରୁ ୨୨୫୩ ଭୋଟ ଦେଇଥିଲେ । ସେଥିରେ ଅରୁଣଙ୍କୁ ୯୩୧ ଖଣ୍ଡ ଭୋଟ ମିଳିଥିବା ବେଳେ ରାମଚନ୍ଦ୍ରଙ୍କୁ ୯୩୬, ସୁରେଶ ପାଣିଗ୍ରାହୀଙ୍କୁ ୨୦୮ ଓ ୧୭୮ ଭୋଟ ନାକଚ ହୋଇଥିଲା। ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଓକିଲ ଦେବେନ୍ଦ୍ର ମିଶ୍ର, ବ୍ରଜମୋହନ ଆଚାର୍ଯ୍ୟ, ପି.ଧରମା ରେଡ୍ଡୀ, ପ୍ରତିପକ୍ଷଙ୍କ ପକ୍ଷରୁ ଶ୍ରୀକାନ୍ତ ମିଶ୍ର ଓ ସରକାରଙ୍କ ପକ୍ଷରୁ ସୁରେଶ ପଣ୍ଡା ମାମଲା ପରିଚାଳନା କରୁଛନ୍ତି ।